

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୯ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 JANUARY 2023
Vol.No. 34 ■ No. 9 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସଙ୍କଟରେ ଯୋଶୀମଠ : ଉଚ୍ଚସ୍ତରୀୟ ବୈଠକ ଡାକିଲେ ମୋଦି





ନୂଆଦିଲ୍ଲୀ,୦୮/୦୧ (ନି.ପ୍ର): ସଙ୍କଟରେ ଉତ୍ତରାଖଣ୍ଡର ଯୋଶୀମଠ ସହର। ଦିନକୁ ଦିନ ଏଠାରେ ମାଟି ଧସିବାରେ ଲାଗିଛି। ଭୂସ୍ଖଳନ ଯୋଗୁ ସହରର ଅନେକ ଘରେ ଫାଟ ସୃଷ୍ଟି ହୋଇଛି। ରାସ୍ତାଘାଟ, ଘର, ଜମିରେ ବଡ଼ ବଡ଼ ଗର୍ତ୍ତ ହୋଇଯାଇଛି। ମାଟି ତଳେ ସମଗ୍ର ସହର ପୋତି ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଖ୍ୟ ସଚିବ ଡକ୍ଟର ପି.କେ ମିଶ୍ର ଅଧ୍ୟକ୍ଷତା କରିବେ। କ୍ୟାବିନେଟ ସଚିବ, କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ତଥା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟମାନେ ଏହି ବୈଠକରେ ଯୋଗଦେବେ। ଏମାନଙ୍କ ବ୍ୟତୀତ ଯୋଶୀମଠ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏଥିରେ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ଉତ୍ତରାଖଣ୍ଡର ଧାର୍ମିକ ପର୍ଯ୍ୟଟନ ପଗର ଯୋଶୀମଠ ଧସିବାରେ ଲାଗିଛି। ଏହାଦ୍ୱାରା ସେଠାରେ ଥିବା ଘର ଓ ବିଲ୍ଡିଂରେ ଭୟଙ୍କର ଫାଟ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ ଅନେକ ଘର ଭୁଶୁଡି ମଧ୍ୟ ପଡିଛି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଲୋକେ ଶୀତ କାକରରେ ବାହାରେ ଦିନ କାଟୁଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଶନିବାର ଯୋଶୀମଠ ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ପ୍ରଭାବିତ ପରିବାର ସହ ସାକ୍ଷାତ କରିଥିଲେ। ସମସ୍ତ ବିସ୍ଥାପିତଙ୍କ ପୁର୍ନବସତି ପାଇଁ ଜମି ଚିହ୍ନଟ ହେବ ବୋଲି କହିବା ସହ ୬ ମାସ ଯାଏଁ ଏମାନଙ୍କୁ ମାସିକ ୪୦୦୦ ଟଙ୍କା ଦେବାକୁ ଘୋଷଣା କରିଥିଲେ। ଏଥିସହ ପ୍ରଭାବିତଙ୍କୁ ଆବଶ୍ୟକୀୟ ସାମଗ୍ରୀ ଓ ସୁରକ୍ଷିତ ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ କହିଥିଲେ।

## ମହିଳାମାନେ ଶିକ୍ଷିତ ନହେବା ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରଣକୁ ଆସିବନି : ନୀତୀଶ କୁମାର



ବୈଶାଲୀ,୦୮/୦୧ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବିବାଦୀୟ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ମହିଳାମାନେ ଶିକ୍ଷିତ ନହେବା ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରଣକୁ ଆସିବ ନାହିଁ। ଯଦି ମହିଳାମାନେ ପାଠ ପଢ଼ିବେ ତେବେ ପ୍ରଜନନ ହାର ହ୍ରାସ ପାଇବ। ଏହା ହେଉଛି ବାସ୍ତବତା। ଏବେବି ମହିଳାମାନେ ଶିକ୍ଷିତ ନୁହନ୍ତି। ସେ ଆହୁରି କହିଛନ୍ତି ଯେ, ଜଣେ ପୁରୁଷକୁ ମନେ ରଖିବାକୁ ପଡ଼େ ନାହିଁ ଯେ, ତାଙ୍କୁ ପ୍ରତିଦିନ ପ୍ରସବ କରିବାକୁ ପଡ଼େନି। ମହିଳାମାନେ ଅଶିକ୍ଷିତ ହୋଇଥିବା ବେଳେ ପୁରୁଷମାନେ ସେମାନଙ୍କ କାର୍ଯ୍ୟର ପରିଣାମ କଥା ଭାବୁ ନ ଥିବାରୁ ଜନସଂଖ୍ୟା ନିୟନ୍ତ୍ରଣ କରିପାରୁ ନାହିଁ। ଶନିବାର ବୈଶାଳୀରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ନୀତୀଶ ଏହା କହିଛନ୍ତି। ନୀତୀଶଙ୍କ ବୟାନକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଛି। ବିଜେପି ନେତା ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ନୀତୀଶ ବିହାରର ଭାବମୂର୍ତ୍ତି ନଷ୍ଟ କରିଛନ୍ତି। ସର୍ବସାଧାରଣରେ ମୁଖ୍ୟମନ୍ତ୍ରୀ ଅରୁଚିତକର ଶବ୍ଦ ପ୍ରୟୋଗ କରିଛନ୍ତି। ସେ ଟୁଇଟ୍ କରି ସେ ଲେଖିଛନ୍ତି, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅରୁଚିକର ଶବ୍ଦ ପ୍ରୟୋଗର ସୀମା ଉଲ୍ଲଂଘନ କରିଛନ୍ତି। ଏଭଳି ଶବ୍ଦ ପ୍ରୟୋଗ କରି ସେ ମୁଖ୍ୟମନ୍ତ୍ରୀ ପଦର ଅମର୍ଯ୍ୟାଦା କରିଛନ୍ତି।

## ବିଜୟଙ୍କୁ ଅନୁସରଣ କରିବେ ଅରବିନ୍ଦ



ଭୁବନେଶ୍ୱର,୦୮/୦୧ (ନି.ପ୍ର): ସକ୍ରିୟ ରାଜନୀତିକୁ ଆସିବେ ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର । ବେଶ କିଛି ଦିନ ହେବ ବାପାଙ୍କ ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ବଢାଇବା କାମରେ ଲାଗିଥିବା ଅରବିନ୍ଦ ପ୍ରଥମ ଥର ପାଇଁ ରାଜନୀତିରେ ଯୋଗଦେବେ ବୋଲି କହିଛନ୍ତି । କେନ୍ଦ୍ରାପଡ଼ାର ମହାକାଳପଡ଼ା ଓ ପାଟକୁରା ନିର୍ବାଚନ ମଣ୍ଡଳୀରେ ବାପା ବିଜୟ ମହାପାତ୍ରଙ୍କ ଲୋକପ୍ରିୟତାକୁ ଆଧାର କରି ଅରବିନ୍ଦ ମୈଦାନକୁ ଓହ୍ଲାଇବାକୁ ସଙ୍କେତ ଦେଇଛନ୍ତି । ଆମେରିକାରେ ଚାକିରୀ କରିଥିଲେ ମଧ୍ୟ ଅଧିକାଂଶ ସମୟ ଏବେ ନିଜ ଅଞ୍ଚଳରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ଅରବିନ୍ଦ । ତେବେ ବିଜେଡ଼ିରେ ତାଙ୍କ ଯୋଗଦାନକୁ ସେ ଗୁଜବ ବୋଲି କହିଥିବା ବେଳେ, କେଉଁ ଦଳ ଓ କେଉଁ ନିର୍ବାଚନ ମଣ୍ଡଳୀରୁ ସେ ପ୍ରତିନିଧିତ୍ୱ କରିବେ ତାହା ସ୍ପଷ୍ଟ କରିନାହାନ୍ତି । ନୂଆବର୍ଷ ଅବସରରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ଆୟୋଜିତ ବନ୍ଧୁମିଳନ ଅବସରରେ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା ଉଭୟ ବିଜୟ ଓ ତାଙ୍କ ଏକମାତ୍ର ପୁଅ ଅରବିନ୍ଦଙ୍କୁ । ପୁଅ ରାଜନୀତିକୁ ଆସିବାକୁ ନେଇ ବିଜୟ ମହାପାତ୍ର କୌଣସି ସ୍ପଷ୍ଟ ଚିତ୍ର ଦେଇନଥିଲେ ମଧ୍ୟ ଆସନ୍ତା ନିର୍ବାଚନରେ

▶▶ପୃଷ୍ଠା ୭

## ଏମ୍ସରେ ରୋଗୀ ସେବା ବିଷୟରେ ବୁଝିଲେ କେନ୍ଦ୍ର ମନ୍ତ୍ରୀ ମନସୁଖ ମଣ୍ଡାଭିୟା

ଭୁବନେଶ୍ୱର,୦୮/୦୧ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମଣ୍ଡାଭିୟା ତାଙ୍କର ଓଡିଶା ଗସ୍ତର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଏମ୍ସକୁ ଯାଇ ସେଠାରେ ରୋଗୀ ସେବା ସମ୍ପର୍କରେ ପଚାରି ବୁଝିଛନ୍ତି । ତାଙ୍କ ସହ ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ଭାରତୀ ପାୱାର ମଧ ଉପସ୍ଥିତ ଥିଲେ । ଉଭୟ ମନ୍ତ୍ରୀ ଏମ୍ସରେ ରୋଗୀ ମାନଙ୍କ ସହ ଆଲୋଚନା କରିବା ସହ ଏମ୍ସର କର୍ମଚାରୀ ଓ ଡାକ୍ତର ମାନଙ୍କ ସହ ଆଲୋଚନା କରିଛନ୍ତି ।

## ଚଳନ୍ତା ବସ୍‌ରେ ହଠାତ୍ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ହାଇଦ୍ରାବାଦ,୦୮/୦୧ : ଚଳନ୍ତା ବସ୍‌ରେ ଲାଗିଲା ନିଆଁ। ହଠାତ୍ ଦେଖୁ ଦେଖୁ ହୁ ହୁ ହୋଇ ଜଳି ଉଠିଲା ବସ୍। ଅଳ୍ପକେ ବର୍ତ୍ତି ଗଲେ ଯାତ୍ରୀ। ତେଲେଙ୍ଗାନାର ହାଇଦ୍ରାବାଦ ସ୍ଥିତ କୁକଟପଲ୍ଲି ନିକଟରେ ଆଜି ସକାଳୁ ଏଭଳି କିଛି ଦୁର୍ଘଟଣା ଘଟିଛି। ସୂଚନା ମୁତାବକ, ଏକ ଘରୋଇ ବସ୍ ଯାତ୍ରୀଙ୍କୁ ନେଇ ହାଇଦ୍ରାବାଦରୁ ଗୋଆ ଯାଉଥିଲା। ଏତିକି ବେଳେ ହଠାତ୍ ଅଧା ରାସ୍ତାରେ ବସ୍ ଇଞ୍ଜିନରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁକୁ ଦେଖି ଲୋକେ ଆତଙ୍କିତ ହୋଇପଡିଥିଲେ । କୌଣସି ବଡ ଅଘଟଣ ଘଟିବା ପୂର୍ବରୁ ସମସ୍ତ ଯାତ୍ରୀ ବସ୍‌ରୁ ଓହ୍ଲାଇ ପଡିଥିଲେ। ସେପଟେ ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପଟେ ଚଳନ୍ତା ବସ୍‌ରେ ନିଆଁ ଲାଗିବା ଯୋଗୁ ଦୀର୍ଘ ସିମୟ ଧରି ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହି ବସ୍‌ରେ ମୋଟ ୬ ଜଣ ଯାତ୍ରୀ ଥିଲେ। ଏହାପୂର୍ବରୁ କର୍ଣ୍ଣାଟକର କଲାବୁର୍ଗୀରେ ଏକ ବସ୍‌ରେ ଅଗ୍ନିକାଣ୍ଡ ଘଟି ୭ ଜଣ ଜୀବନ୍ତ ଜଳି ଯାଇଥିଲେ। ଏଥିସହ ପ୍ରାୟ ୧୨ ଯାତ୍ରୀ ଗୁରୁତର ହୋଇଥିଲେ। ଏହି ବସ୍‌ଟି ମଧ୍ୟ ଗୋଆରୁ ହାଇଦ୍ରାବାଦ ଯାଉଥିଲା। ଏଥିରେ ମୋଟ ୨୯ ଯାତ୍ରୀ ଥିଲେ।

## ପ୍ରଫେସର ବିଧୂଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ

ଭୁବନେଶ୍ୱର,୦୮/୦୧ (ନି.ପ୍ର): ପ୍ରଫେସର ବିଧୂଭୂଷଣ ମିଶ୍ରଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ମିଳିଛି। ତାଙ୍କୁ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଚାରି ବର୍ଷ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଯୁକ୍ତ କରିଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ସରକାରୀ ବିଜ୍ଞପ୍ତି ଜାରୀ କରାଯାଇଛି । ଉଲ୍ଲେଖନୀୟ ଯେ ପ୍ରଫେସର ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଭାବରେ ଅବସର ନେଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିବାଦୀୟ କୁଳପତି ପ୍ରଫେସର ସଂଜୀବ ମିତଲ ନିଜ ପଦରୁ ଇସ୍ତଫା ଦେବା ପରେ ଏହି ପଦବି ଖାଲି ପଡ଼ିଥିଲା।

## ରାଜ୍ୟ ସରକାରଙ୍କ ବିଜ୍ଞାପନ ବନାମ ସେଲର ବିଜ୍ଞାପନ

ଭୁବନେଶ୍ୱର,୦୮/୦୧ (ନି.ପ୍ର): ତେଜିଲା ଶ୍ରେୟ ରାଜନୀତି । ବିଜେଡି-ବିଜେପି ମୁହାଁମୁହିଁ । ଶନିବାର ଦିନ ରାଉରକେଲାକୁ ବିମାନ ଉଡିଲା । କିନ୍ତୁ କିଏ ଶ୍ରେୟ ନେବ, ଏହାକୁ ନେଇ ଦୁଇ ଦିନ ଧରି ସରଗରମ ହେବାରେ ଲାଗିଛି ରାଜ୍ୟ ରାଜନୀତି । ଖବର କାଗଜରେ ପ୍ରକାଶିତ ଦୁଇଟି ବିଜ୍ଞାପନ ଚର୍ଚ୍ଚାର କେନ୍ଦ୍ରରେ ରହିଛି । ଗୋଟିଏ ପଟେ ଶନିବାର ଦିନ ପ୍ରକାଶ ପାଇଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ବିଜ୍ଞାପନ, ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଅଧୀନ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରବିବାର ପ୍ରକାଶ ପାଇଥିବା ବିଜ୍ଞାପନ । ରାଜ୍ୟ ବିଜ୍ଞାପନରେ ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦୀଙ୍କ ଫଟୋ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏପଟେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞାପନରେ ରାଉରକେଲାକୁ ବିମାନ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି । ଏବଂ ଏଥିରେ କେବଳ ମୋଦୀଙ୍କ ଫଟୋ ପ୍ରକାଶ ପାଇଛି । ଯାହାକୁ ହଜମ କରିପାରିନାହିଁ ବିଜେଡି । ଧର୍ମେନ୍ଦ୍ରଙ୍କ ମହାନତା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ମନ୍ତ୍ରୀ ଅଶୋକ ପଣ୍ଡା ।

▶▶ପୃଷ୍ଠା ୭

## ଆମ ପରିବାର ଆମ ପଂଚାୟତ ପତ୍ରିକା ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ



ବସ୍ତା,୦୮/୦୧ (ନି.ପ୍ର): ଆମ୍ବଗଡିଆ ଭଗବାନପୁର ବୈଠକ ଡାକ ବଙ୍ଗଳା ସଭାଗୃହରେ ଆମ ପରିବାର ଆମପଞ୍ଚାୟତ ପତ୍ରିକା ପକ୍ଷରୁ ୨୦୨୩ ର ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ପତ୍ରିକାର ମୁଖ୍ୟ ତଥା ବିକାଶ ପରିଷଦର ସ୍ରଷ୍ଟା ଭଗବାନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଆବାହନୀ ସଂଗୀତ କୁନି ପ୍ରତିଭା ଜୟସ୍ମିତା ମହାପାତ୍ର ଗାନ କରିଥିଲେ । ଅତିଥି ଭାବରେ ମୁରୁଡା ବିଧାୟକ ରାଜକିଶୋର ଦାସ, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଶତପଥୀ, କଥାକାର ସମାଜସେବୀ ଶ୍ୟାମା ପ୍ରସାଦ ବେହେରା, ସମ୍ମାନୀତ ଅତିଥି ରାଜକିଶୋର ମହାପାତ୍ର, ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ବିଇଓ ଜୟନ୍ତ ପାଣିଗ୍ରାହୀ, ସାମ୍ବାଦିକ ସର୍ବେଶ୍ୱର ଯେନା, ଯୋଗ ଦେଇଥିଲେ । ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ଅଧ୍ୟାପକ ଜଗଦୀଶ ପଟନାୟକ ବାର୍ଷିକ ବିବରଣି ଉପସ୍ଥାପନ କରିଥିବାବେଳେ ଅତିଥି ପରିଚୟ ପ୍ରଧାନଶିକ୍ଷକ ଅନନ୍ତକୁମାର ସାହୁ, ମଂଚ ପରିଚାଳନା ସୁଦର୍ଶନ ମହାପାତ୍ର କରିଥିଲେ । କମଳାକାନ୍ତ ସାହୁ, ଜଗେଶ୍ୱରବେହେରା, ସୁରେନ୍ଦ୍ର ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ ସୁବାଶିଷ ମହାନ୍ତି, ଲକ୍ଷ୍ମୀଧର ଦେହୁରୀ, ବିକାଶ ପରିଷଦର ସ୍ଥାୟୀ ସଭାପତି ଅନ୍ତର୍ଯାମି ମହାପାତ୍ର ପ୍ରମୁଖ କାଯ୍ୟକ୍ରମରେ ସହଯୋଗ କରିଥିଲେ ।

## ରାଜ୍ୟର ୨୧ ଟି ସ୍ଥାନରେ ରାତ୍ରି ତାପମାତ୍ରା ୧୦ ଡ଼ିଗ୍ରୀ ତଳେ : ସିମିଳିଗୁଡ଼ାରେ ସର୍ବନିମ୍ନ ୨.୦ ଡ଼ିଗ୍ରୀ ରେକର୍ଡ଼



ଭୁବନେଶ୍ୱର,୦୮/୦୧ (ନି.ପ୍ର): ରାତ୍ରି ତାପମାତ୍ରା ହ୍ରାସ ପାଇବା ଫଳରେ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି । ୨୧ ଟି ସ୍ଥାନରେ ରାତ୍ରି ତାପମାତ୍ରା ୧୦ ଡ଼ିଗ୍ରୀ ତଳେ ରହିଛି । ସିମିଳିଗୁଡ଼ା ରାଜ୍ୟର ସବୁଠୁ ଥଣ୍ଡା ସହର ରହିଛି । ସିମିଳିଗୁଡ଼ାରେ ରାତ୍ରିକାଳୀନ ତାପମାତ୍ରା ସର୍ବନିମ୍ନ ୨.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ସେହିପରି କିରେଇରେ ୪.୪ ଡ଼ିଗ୍ରୀ, ଜି. ଉଦୟଗିରିରେ ୪.୬ ଡ଼ିଗ୍ରୀ, ଫୁଲବାଣୀରେ ୫.୦ ଡ଼ିଗ୍ରୀ, ରାଉରକେଲାରେ ୬.୪ ଡ଼ିଗ୍ରୀ, ସୁନ୍ଦରଗଡ଼ରେ ୬.୫ ଡ଼ିଗ୍ରୀ, କୋରାପୁଟରେ ୬.୫ ଡ଼ିଗ୍ରୀ, ଝାରସୁଗୁଡ଼ାରେ ୬.୬ ଡ଼ିଗ୍ରୀ, ଦାରିଙ୍ଗବାଡ଼ିରେ ୬.୭ ଡ଼ିଗ୍ରୀ, କେନ୍ଦୁଝରଗଡ଼ରେ ୭.୨ ଡ଼ିଗ୍ରୀ, ଭବାନୀପାଟଣାରେ ୭.୨ ଡ଼ିଗ୍ରୀ, ଢେଙ୍କାନାଳରେ ୮.୦ ଡ଼ିଗ୍ରୀ, ସୋନପୁରରେ ୮.୫ ଡ଼ିଗ୍ରୀ, ଅନୁଗୁଳରେ ୮.୬ ଡ଼ିଗ୍ରୀ, ବାରିପଦାରେ ୯.୦ ଡ଼ିଗ୍ରୀ, ନବରଙ୍ଗପୁରରେ ୯.୦ ଡ଼ିଗ୍ରୀ, ସମ୍ବଲପୁରରେ ୯.୩ ଡ଼ିଗ୍ରୀ, ରାଣୀତାଲରେ ୯.୪ ଡ଼ିଗ୍ରୀ, ଭଦ୍ରକରେ ୯.୫ ଡ଼ିଗ୍ରୀ, ମହିଷାପାଟରେ ୯.୫ ଡ଼ିଗ୍ରୀ ଏବଂ ହୀରାକୁଦରେ ୯.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଧର୍ମେନ୍ଦ୍ର ଉଠାଇଲେ ମାହାଙ୍ଗା ଡବଲ ମର୍ଡର ପ୍ରସଙ୍ଗ



ଭୁବନେଶ୍ୱର,୦୮/୦୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ପ୍ରସଙ୍ଗ ପୁଣି ଉଠାଇଲେ ଧର୍ମେନ୍ଦ୍ର । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କଲେ ଟାର୍ଗେଟ୍ । କହିଲେ, ହତ୍ୟା ପଛରେ ଶାସକ ଦଳର ବିଧାୟକ । ଅବସର ଥିଲା, ବିଜେପିର ସାଧାରଣ ସଭା । ବିଶାଳରାଲି କରି ନିଶ୍ଚିତକୋଇଲି ସଭା ମଞ୍ଚକୁ ପହଞ୍ଚିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦଳର ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ହୋଇଥିବା ଏହି ସଭାରେ କେନ୍ଦ୍ର ସରକାରଙ୍କ ଗୁଣଗାନ କରିବା ପରେ ପଡ଼ିଥିଲା ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବାର ପାଳି । ଏଥିରେ ମାହାଙ୍ଗା ଡର୍ବଲ ମର୍ଡର ପ୍ରସଙ୍ଗ ଉଠାଇ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଟାର୍ଗେଟ୍ କରିଥିଲେ ଧର୍ମେନ୍ଦ୍ର ପ୍ରଧାନ । ଅଭିଯୋଗ କରି ସେ କହିଥିଲେ- ଶାସକ ଦଳର ସ୍ଥାନୀୟ ବିଧାୟକ ଏହି ହତ୍ୟାକାଣ୍ଡ କରାଯାଇଥିଲେ । ଏପଟେ ବିଜେଡି ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ବିଧାୟକ ପ୍ରତାପ ଜେନା । ଦୀର୍ଘ ୨୫ ବର୍ଷ ଧରି କେମିତି ବିଜେଡି ସରକାର ମହାଙ୍ଗାର ଉନ୍ନତି କରିଛନ୍ତି, ତାର ବିବରଣୀ ରଖିଥିଲେ । ଆଗକୁ ଏହି ଉନ୍ନତି ପ୍ରକ୍ରିୟା ଜାରି ରଖିବା ପାଇଁ ବିଜେଡି ଦଳର ନେତା ଓ କର୍ମୀଙ୍କୁ ସଙ୍କଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏସବୁ ଭିତରେ ଧର୍ମେନ୍ଦ୍ର ପ୍ରଧାନ ଉଠାଇଥିବା ଅଭିଯୋଗର ଜବାବ ରଖିଥିଲା ବିଜେଡି । ଏହାରି ଭିତରେ ବଢ଼ିପାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ବଢ଼ିପାରେ ଅଡୁଆ । ପ୍ରତାପ ଜେନାଙ୍କ ନାଁରେ ଫାଇନାଲ ରିପୋର୍ଟର ପ୍ରୋଟେଷ୍ଟ ପିଟିସନ୍ ଦାଖଲ ପାଇଁ ଅନୁମତି ଦେଇଛନ୍ତି ଜେଏମଏଫସି କୋର୍ଟ । ୧୨ ତାରିଖ ସୁଦ୍ଧା ପିଟିସନ୍ ଦାଖଲ ପାଇଁ ଅନୁମତି ଦେଇଛନ୍ତି । ଗତ ଡିସେମ୍ବର ୯ ତାରିଖରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ମାହାଙ୍ଗା ଡବଲ ମର୍ଡର ମାମଲାର ଏତଲାକାରୀ ରମାକାନ୍ତ ବରାଳଙ୍କ ମୃତ୍ୟୁ ହୋଇଥିଲା । ରମାକାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ରଞ୍ଜିତ ପ୍ରୋଟେଷ୍ଟ ପିଟସନ୍ ଦାଖଲ ପାଇଁ ସାଲେପୁର ଜେଏମଏଫସି କୋର୍ଟଙ୍କ ଅନୁମତି ଲୋଡିଥିଲେ ।

## ୮ ପ୍ରତିଶତ ଛୁଇଁଲା ସ୍ଥାୟୀ ଜମା ସୁଧହାର

ଭୁବନେଶ୍ୱର,୦୮/୦୧ (ନି.ପ୍ର): ୩ ବର୍ଷ ପରେ ଫିକ୍ସଡ୍ ଡିପୋଜିଟ୍ରେ ୮ ପ୍ରତିଶତ ହାରରେ ସୁଧ ପାଇବେ ବରିଷ୍ଠ ନାଗରିକ । ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ୍ରେ ସରକାର ସୁଧହାର ବଢ଼ାଇବା ପରେ ବରିଷ୍ଠ ନାଗରିକଙ୍କୁ ଆଶ୍ୱସ୍ତି ଆଣିଦେଇଛି । ଏପରିକି କିଛି ବ୍ୟାଙ୍କ ସୁଧହାରକୁ ୮ ପ୍ରତିଶତରୁ ଅଧିକ କରିଛନ୍ତି । ସେହିପରି ସୁପର ସିନିୟର ସିଟିଜେନ୍ ଅର୍ଥାତ୍ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସ୍ଥାୟୀ ଜମା ଉପରେ ଅଧିକ ସୁଧ ଦେବା ପାଇଁ ମଧ୍ୟ କିଛି ବ୍ୟାଙ୍କ ନିଷ୍ପତି ନେଇଛନ୍ତି । କରୋନା ମହାମାରୀ ପରେ ଅର୍ଥାତ ୩ ବର୍ଷ ପରେ ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ହାର ବଢ଼ିଛି । ଫିକ୍ସଡ୍ ଡିପୋଜିଟରେ ୮ ପ୍ରତିଶତ ହାରରେ ସୁଧ ପାଇବେ ବରିଷ୍ଠ ନାଗରିକ । ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ

▶▶ପୃଷ୍ଠା ୭

## ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ

ଧର୍ମଶାଳା, ୦୮/୦୧ (ନି.ପ୍ର): ଜମିକୁ ନେଇ ବିଦ୍ୟାଳୟ ଉନ୍ନତିରେ ବାଧକ ସୃଷ୍ଟି ହୋଇଛି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ଯାଜପୁର ଜିଲା ବଡଚଣା ବ୍ଲକ ସୋଲର ପଂଚାୟତ ଅନ୍ତର୍ଗତ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜମି ଅଧିଗ୍ରହଣ ପାଇଁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଂଚ ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ସଭାରେ ଜମି ଅଧିଗ୍ରହଣ ପାଇଁ ବିଶେଷ ଆଲୋଚନା ହୋଇଥିଲା । ସୋଲର ଉନ୍ନୀତ ପ୍ରକଳ୍ପ ସରକାରୀ ଉଚ୍ଚ ବିଦ୍ୟାଳୟ ଯେଉଁ ଜମି ଉପରେ ଗଢି ଉଠିଛି ପୂର୍ବ ବନ୍ଦୋବସ୍ତ ଅନୁଯାୟୀ ତାହା ଜଙ୍ଗଲ କିସମ ଜମି ହୋଇଥିବାରୁ ତାର କିସମ ପରିବର୍ତ୍ତନ କରି ବିଦ୍ୟାଳୟ ନାମରେ ପଟ୍ଟା କରିବାକୁ ଗ୍ରାମସଭାରେ ଆଲୋଚନା ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ, ପୂର୍ବତନ ଶିକ୍ଷାବିତ୍,ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା, ୱାର୍ଡ ସଭ୍ୟସଭ୍ୟା, ସାମାଜିକ କର୍ମୀ ଓ ଗ୍ରାମ ମୁରବୀ ଉପସ୍ଥିତ ରହି ବିଦ୍ୟାଳୟ ସପକ୍ଷରେ ନିଜ ନିଜର ମତ ପ୍ରକାଶ କରିଥିଲେ । ଜଙ୍ଗଲ କିସମ ଜମି ହୋଇଥିବାରୁ ଏହି ବିଦ୍ୟାଳୟକୁ ସରକାରୀ ସହାୟତା ଆସିବାରେ ବାଧକ ସୃଷ୍ଟି ହୋଇଛି । ଏହାର ସମାଧାନ ତୁରନ୍ତ ହୋଇପାରିଲେ ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ଭାବେ ପରିଣତ ହୋଇପାରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ୨୧ତମ ଲୋକ ଉତ୍ସବ ଲାଗି ଉଦ୍‌ଘୋଷକ ଉଦ୍‌ଘୋଷିକା ଚୟନ

ବଲାଙ୍ଗିର, ୦୮/୦୧ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ୨୧ତମ ଲୋକ ମହୋତ୍ସବ ପାଇଁ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାର ରାଜେନ୍ଦ୍ର କଲେଜ, ବାଳିକା ମହାବିଦ୍ୟାଳୟ ଓ ଆୟୁର୍ବେଦିକ କଳାକାର ଯୋଗ ଦେଇଥିଲେ । ୫୧ ଜଣ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ। ଏହି ଚୟନ ପ୍ରକ୍ରିୟାରେ ଜିଲ୍ଲା ସାଂସ୍କୃତିକ ଅଧିକାରୀ ରଶ୍ମି ରଂଜନ ମିଶ୍ର ଦୀପ ପ୍ରଜ୍ୱଳନ କରି ଶୁଭ୍ ଉଦ୍‌ଘାଟନ କରିଥିଲେ । ଜଜ୍ ଭାବେ ପ୍ରଶାନ୍ତ ଖମାରୀ, ମଧୁସୂଦନ ନାୟକ, ଅଚ୍ୟୁତ ପୁରୋହିତ, ସୁଧାଂଶୁ ଶେଖର ପଟ୍ଟନାୟକ ମନରଂଜନ ଯୋଗୀ ଯୋଗ ଦେଇଥିଲେ । ଷ୍ଟେଜ କମିଟିର ଅଧ୍ୟକ୍ଷ ଗୁଣନିଧି ନାୟକ, ସହ-ଅଧ୍ୟକ୍ଷ ସଂଗୀତା ଦାଶ, ରାମ ପ୍ରସାଦ ଦାଶ ମଂଚ ପରିଚାଳନା କରିଥିଲେ । ସହଯୋଗ କରିଥିଲେ ଜୟକୃଷ୍ଣ ମିଶ୍ର । ଆଗାମୀ ୨୦ ରୁ ୨୪ ପର୍ଯ୍ୟନ୍ତ ବଲାଙ୍ଗିର ଲୋକ ମହୋତ୍ସବରେ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ପ୍ରସ୍ତୁତି କରାଯାଇଥିଲା । ୧୦ ଜଣ ଚୟନ କରାଯାଇ ପ୍ରତିଦିନ ତାଲିମ ନେବେ ବୋଲି କମିଟି ସୂଚନା ଦେଇଛନ୍ତି ।

# ଦରମା ଦାବିରେ ଟ୍ରକ୍ ଅଟକ ରଖିଲେ କର୍ମଚାରୀ

ଜୟପୁର, ୦୮/୦୧ (ନି.ପ୍ର): ତିନି ମାସ ହେଲା କାଗଜ କଳରେ କାମ କରୁଥିବା ଶ୍ରମିକମାନଙ୍କୁ ଯେଉଁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି ତାହା ମଧ୍ୟ ମଦର ଆର୍ଥ୍ କମ୍ପାନୀ ମ୍ୟାନେଜମେଂଟ ଦେଇନାହିଁ । ଏପଟେ କାଠ ଏବଂ ଅନ୍ୟ ଜିନିଷ କିଣିବା ପାଇଁ ଟଙ୍କା ଦେଉଥିବା ବେଳେ ଶହ ଶହ ସ୍ଥାୟୀ ଶ୍ରମିକ, ଠିକା ମଜଦୁର, ସିକ୍ୟୁରିଟି ଗାର୍ଡ ଏବଂ ଅଳ୍ପ ଦରମାରେ ନିଯୁକ୍ତ ଅଫିସର୍ ମାନେ ଘୋର ଅଭାବ ଅସୁବିଧାରେ କାଳ କାଟୁଛନ୍ତି । କିନ୍ତୁ, କେବଳ ହାରି ଗୁହାରି କରିବା ଛଡା କାମ ବନ୍ଦ କରି ନାହାଁନ୍ତି । ସ୍ଥାୟୀ ଶ୍ରମିକ ମାନଙ୍କ ଚାରୋଟି ଯାକ ୟୁନିଅନ ସାମୁହିକ ନିଷ୍ପତି ନେଇ ଉତ୍ପାଦିତ କାଗଜକୁ ବାହାରକୁ ନଛାଡିବା ପାଇଁ ନିଷ୍ପତି ନେଇ ଲିଖିତ ଆକାରରେ ମ୍ୟାନେଜମେଂଟକୁ ଦେଇଥିଲେ ଏବଂ ଆଜି ଠାରୁ ଗାଡ଼ି ବନ୍ଦ କରିଛନ୍ତି । କାରଖାନାର ଉତ୍ପାଦନ ଯଥାରୀତି ଚାଲୁ ରହିଛି । ମ୍ୟାନେଜମେଂଟର କଥା ଓ କାର୍ଯ୍ୟ ଭିତରେ ଏବଂ ମ୍ୟାନେଜମେଂଟର ଉଚ୍ଚ ଅଧିକାରୀ ମାନଙ୍କ ଉକ୍ତିକୁ ନେଇ ଅନେକ ବିଭ୍ରାନ୍ତି ସୃଷ୍ଟି ହୋଇଛି । ମଦର ଆର୍ଥ୍ କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମୁର୍ତି କହୁଛନ୍ତି, ମାର୍ଚ୍ଚ ମାସ ପରେ କ'ଣ ହେବ ସେ କହିପାରିବେ ନାହିଁ, ଏପଟେ ଥାପର ଗୃପ ମଦର ଆର୍ଥ୍ କମ୍ପାନୀକୁ ମ୍ୟାନେଜମେଂଟ ସହାୟତା ଓ ଦୁଇଟି ଯାକ ମେସିନ୍ ଚଲେଇ ଦେବାର ତିନି ବର୍ଷ ପାଇଁ ଯେଉଁ ବୁଝାମଣା ଥିଲା ତାହାର ଅବଧି ଫେବୃଆରୀ - ୨୬ ରେ ପୁରିବ ।

ଜିଲ୍ଲାପାଳ ଡିସେମ୍ବର -୯ ତାରିଖରେ ମିଳିତ ବୈଠକ ଡାକିବାକୁ ଚିଠି କରିଥିଲେ, କିନ୍ତୁ ତାପରେ ମିଟିଂ କୁ ସ୍ଥଗିତ ରଖିଛନ୍ତି । ତୁରନ୍ତ ପ୍ରଶାସନ ହସ୍ତକ୍ଷେପ ନକଲେ କାରଖାନାର ଭବିଷ୍ୟତ କ'ଣ ହେବ ସନ୍ଦେହ ସୃଷ୍ଟି କରୁଛି ବୋଲି ଶ୍ରମିକ ମାନେ ମତ ରଖିଛନ୍ତି ।

# ବିଧାନସଭା ଗୃହ ସବ କମିଟି ବୈଠକ

ବଲାଙ୍ଗିର, ୦୮/୦୧ (ନି.ପ୍ର): ବିଧାନସଭା ଗୃହ କମିଟିର ପରିବେଶ ଓ ପ୍ରଦୂଷଣକୁ ନେଇ ସବ୍ କମିଟି - ୧ ର କ୍ଷେତ୍ର ପରିଦର୍ଶନ ବଲାଙ୍ଗିର ବିଧାନସଭାର ପୌରାଂଚଳରେ ଥିବା ବିଭିନ୍ନ ବନ୍ଧ ପୋଖରୀ ଏବଂ ପୁଇଁନ୍ତଲା ବ୍ଲକର ଛତାମଖନା ପଂଚାୟତର ଏକ ପୋଖରୀର କ୍ଷେତ୍ର ପରିଦର୍ଶନରେ ଆଜି ଏହି କମିଟି ଅଧ୍ୟକ୍ଷ ବିଧାନସଭାର କଂଗ୍ରେସ ବିଧାନସଭାର କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ସଦସ୍ୟ ଦାଶରଥି ଗୋମାଙ୍ଗୋ ମଧ୍ୟ ଉପସ୍ଥିତ ଥାଇ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ପ୍ରାଥମିକ ଆଲୋଚନା ବେଳେ ଏହି କମିଟିର ଗତ ମାସର ବୈଠକରେ ନିର୍ଦ୍ଧାରିତ ହୋଇଥିବା ନିଷ୍ପତି ଉପରେ ଆଲୋଚନା ହୋଇଥିଲା । ଏହାର ସଭ୍ୟ ମାନ୍ୟବର ବିଧାୟକ ଅମର ଶତପଥି ଏବଂ ଦେବୀ ମିଶ୍ର ବନ୍ଧକଟାମାନଙ୍କରେ ବର୍ଜ୍ୟବସ୍ତୁ ପକାଇବା ଏବଂ ଜବରଦଖଲ ଯୋଗୁଁ ପାଣି ଆଉ ମଣିଷ ବ୍ୟବହାର ଯୋଗ୍ୟ ରହୁନାହିଁ ତେଣୁ ବନ୍ଧକଟା ତଥା ଜଳଚର ଜମିରେ ଥିବା ଜବରଦଖଲ କଡାକଡି ଭାବେ ଉଚ୍ଛେଦ କରାଯାଉ ବୋଲି ଦେଇଥିବା ମନ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । ଆଜି ବଲାଙ୍ଗିର ରେ ଥିବା ମହାରାଣୀ ସାଗର ଉନ୍ନତିକରଣ ର ଭିତିପ୍ରସ୍ତର ଦେବା ଠିକ୍ ବର୍ଷେ ପୁରିଯାଇଥିଲେ ମଧ୍ୟ ତାର କାମ ଆରମ୍ଭ ହୋଇ ନ ଥିବାର ଅଧ୍ୟକ୍ଷ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ ଏବଂ ଉପସ୍ଥିତ ଥିବା ସହରୀ ବିକାଶ ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ କଲ୍ୟାଣ କୁମାର ରଥ ଏହା ଉପରେ ଉତର ରଖନ୍ତୁ ବୋଲି କହିଥିଲେ । ଗତ ମାସ ବଲାଙ୍ଗିର ରେ ହୋଇଥିବା ବୈଠକରେ ସଚିବ ଶ୍ରୀ ରଥ ୭ ଦିନ ଭିତରେ ଏହି ପ୍ରକଳ୍ପର ବୈଷୟିକ ମଞ୍ଜୁରୀ ମିଳିଯିବା ପ୍ରତିଶୃତି ଦେଇଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ହୋଇଥିବାରୁ ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ସହ ଉପସ୍ଥିତ ଥିବା ଜିଲ୍ଲାପାଳ ଚଂଚଳ ରାଣା ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ । ସହରରେ ଥିବା ସମସ୍ତ ୧୬ଟି ବନ୍ଧ କଟାର ପାଣି ଆଉ ବ୍ୟବହାର ଉପଯୋଗୀ ନାହିଁ ବୋଲି ଆଜି ବିଭିନ୍ନ ବନ୍ଧକଟାକୁ ଗୃହ କମିଟି ର କ୍ଷେତ୍ର ପରିଦର୍ଶନ ସମୟରେ ପ୍ରମାଣିତ ହୋଇଯାଇଥିଲା । ରାଣି ବନ୍ଧ, ଗେଟସରୋବର, ବେହେରାପାଲି, ଲକ୍ଷ୍ମୀଯୋର, ଦେଉଲବନ୍ଧ, କରଙ୍ଗାକଟା ଏବଂ କନ୍ଧପାଲି ବନ୍ଧ ପ୍ରାୟତଃ ଡମ୍ପିଂୟାଡରେ ପରିଣିତ ହୋଇସାରିଥିବାର ସଭ୍ୟମାନେ ହୃଦବୋଧ କରିଥିଲେ । ରାଣୀବନ୍ଧ ଏବଂ କରଙ୍ଗାକଟା କାମକୁ ବହୁକୋଟି ଟଙ୍କାର କାମକୁ କେବଳ ଉପରଠାଉରିଆ ଭାବରେ କଂକ୍ରିଟ ଦ୍ୱାରା ସୌନ୍ଦର୍ଯ୍ୟକରଣ କାମରେ ସୀମିତ କରାଯାଉଥିବାରୁ ଏହା ବନ୍ଦ କରି ପ୍ରଥମେ ପଙ୍କ ଉଦ୍ଧାର, ପାଣିଧାରଣ କ୍ଷମତା ବଢାଇବା ସହ ସମ୍ପୂର୍ଣ୍ଣ ପୁନରୁଦ୍ଧାର ବ୍ୟବସ୍ଥା କରନ୍ତୁ ତାପରେ ଯାଇ ସୌନ୍ଦର୍ଯ୍ୟକରଣ କରନ୍ତୁ ବୋଲି ଅଧ୍ୟକ୍ଷ ନରସିଂହ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଠିକ୍ ସେହିପରି ଛତାମଖନାର ମିଶ୍ର କଟାର ପାଣି ବ୍ୟବହାରଯୋଗ୍ୟ ନ ଥିବା ଦେଖାଯାଇଥିଲା ଏବଂ ପ୍ରଦୂଷଣ ବିଭାଗର ଅଧିକାରୀ ଏଠାରୁ ପାଣି ନେଇ ବିଜ୍ଞାନଗାରରେ ଏହାର ମାନ ପରୀକ୍ଷା କରନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଉପସ୍ଥିତ ଥିବା ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ସହର ମଧ୍ୟରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ପର୍ଯ୍ୟଟନ ସ୍ଥଳି ଭୀମଡୁଙ୍ଗୁରି ରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ହେଉଥିବାରୁ ସେଠାକାର ପୋଖରୀ ପାଣି, ଜଙ୍ଗଲ ଯେପରି ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୂଷଣ ନ ହେବ ସେ ଉପରେ ଶିଘ୍ର ପଦକ୍ଷେପ ନେବାକୁ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୦୮/୦୧ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସ୍ଥିତ ଡ଼ାରୱିନ ସ୍ମାରକୀ ମହାବିଦ୍ୟାଳୟଠାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିବିରର ଆଜି ଆୟୋଜନ କରାଯାଇଛି । ସୀମା ସୁରକ୍ଷା ବଳ, ୮୮ ବାଟାଲିୟନ ବାଲିମେଳାର କମାଣ୍ଡାଣ୍ଟ ଅମିତ୍ କୁମାର୍ ଶର୍ମା ରେଡକ୍ରସ୍ ପତାକା ଉତୋଳନ କରି ଶିବିରର ଶୁଭ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ଯୁବ ରେଡକ୍ରସ୍ ର ଆବାହକ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରିପୁଟ ପଂଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିରିସାନି, ଗୋଷ୍ଠି ଉନ୍ନୟନ ଅଧିକାରୀ ହୃଦାନନ୍ଦ ସାହୁ , ଡ. ଥୁଙ୍ଗମ୍ ଦେବକିଶ୍ୱର୍ ପ୍ରମୁଖ ଉପସ୍ଥିତ ଥିଲେ ।

ଉକ୍ତ ତିନି ଦିନିଆ ଶିବିରର ପରିଚାଳନା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଜନ କୋରା କରୁଛନ୍ତି । ଶିବିରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୦ରୁ ଉର୍ଦ୍ଧ୍ୱ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି । ପ୍ରଥମ ଦିନରେ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ଦ୍ୱାରା ରେଡକ୍ରସ୍ ର ଇତିହାସ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଅଗ୍ନି ନିରାପତା ସମ୍ପର୍କରେ କୁଡୁମୁଲଗୁମ୍ମା ଅଗ୍ନି ନିରାପତା ବିଭାଗର ଅବିନାଶ ଦାଶଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ତିନିଦିନିଆ ଶିବିରରେ ପ୍ରାଥମିକ ଚିକିତ୍ସା, ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ଏଡ଼ସ ସଚେତନତା ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ ସହିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ । ଶିବିରର ଆୟୋଜନରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡି. ଆଶିଷ ରାଠୋରଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ପରାମର୍ଶଦାତା, ସ୍ଥାନୀୟ ଅଂଚଳର ଶିକ୍ଷାବିତ୍ ଭଗବାନ ସାହୁ, ସାମ୍ବାଦିକ ବିଦ୍ୟାଧର ସାହାଣୀ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ମାନେ ଯୋଗଦାନ କରିଛନ୍ତି । ଆଜିର ସଭା ଶେଷରେ ଶ୍ରୀଦେବୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ ବିବାହ ପ୍ରତଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ: ଜଣେ ଗିରଫ

ଯୋଡ଼ା, ୦୮/୦୧ (ନି.ପ୍ର): ଦିବ୍ୟାଙ୍ଗ ଅନୁସୂଚିତ ଜାତିର ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ପ୍ରତାରଣା କରିବା ଓ ଜୀବନରୁ ମାରିଦେବାର ଧମକ ଅଭିଯୋଗରେ ବଲାଣି ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନା ଅନୁସାରେ, ବଲାଣି ଥାନା ଅନ୍ତର୍ଗତ ମାଛୁଆ ଢ଼ିପା ଅଂଚଳର ଜୈନେକ ଅନୁସୂଚିତ ଜାତିର ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ ପ୍ରତଶ୍ରୁତି ଦେଇ ବଲାଣି ଖଣି ଟାଉନସିପ ଅଂଚଳର ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ସ୍ୱର୍ଗତ ସନ୍ତୋଷ କୁମାର ଗିରୀଙ୍କ ପୁଅ ବିଶାଳ କୁମାର ଗିରୀ ଓରଫ ବିମଲ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ । ଏ ନେଇ ପୀଡିତାଙ୍କ ପରିବାର ଲୋକେ ଜାଣିବା ପରେ ଯୁବତୀଙ୍କୁ ପଚାରିବାରୁ ସେ ଅଭିଯୁକ୍ତଙ୍କ ବିଷୟରେ ଘର ଲୋକଙ୍କୁ ସୂଚନା ଦେଇଥିଲେ । ଏ ନେଇ ପରିବାର ଲୋକେ ଯୁବକଙ୍କ ଘରକୁ ଯାଇ ପଚାରିବାରୁ ଅଭିଯୁକ୍ତ ଗର୍ଭ ନଷ୍ଟ କରିବାକୁ କହିବା ସହିତ ପୁଲିସ ନିକଟକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏହି ଘଟଣାକୁ ନେଇ ପରିବାର ଲୋକେ ବଲାଣି ଥାନାର ଦ୍ୱାରସ୍ଥ ହେବା ସହିତ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ବଲାଣି ପୁଲିସ ଏକ ମାମଲା ରୁଜୁ କରିଥିଲା । ଏ ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁଷ୍ପଲତା ବାରିକ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିଶାଳ କୁମାର ଗିରୀକୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଓ ଜୀବନରୁ ମାରିଦେବା ଧମକ ଅଭିଯୋଗରେ ବଲାଣି ପୁଲିସ ବିଶାଳକୁ ଗିରଫ କରି ଚମ୍ପୁଆ କୋର୍ଟ ଚାଲାଣ କରିଛି । ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପରିବାର ପୁଅକୁ ଫସାଇ ଦିଆଯାଇଥିବା ନେଇ କହିଛନ୍ତି ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୨ ପାଳନ ଅନୁଷ୍ଠିତ

ସୁବର୍ଣ୍ଣପୁର, ୦୮/୦୧ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନ ରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଖାଦ୍ୟର ଉପଯୁକ୍ତ ପ୍ରକ୍ରିୟା କରଣ ଓ ମାନବ ଜୀବନରେ ଖାଦ୍ୟର ସୁଉପଯୋଗୀତା ଉପରେ ଆଲୋକପାତ କରିଥିଲେ ଯାହା ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ବିଶେଷ ଅପରିହାର୍ଯ୍ୟ । କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଶିପୁନମ ମିଞ୍ଜ, ଡ଼ଃ ପଦ୍ମହଂସା ଦୋରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପ୍ରମୁଖ ଯୋଗଦାନ କରି ଆମ ଜୀବନଚର୍ଯ୍ୟା ରେ ପୋଷଣ ଖାଦ୍ୟର ଆବଶ୍ୟକତା ଓ ସମାଜ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ରେ ସିଡିପିଓ ସୋନପୁର ନିବେଦିତା ସରାଫ, ସିଡିପିଓ ଡୁଙ୍ଗୁରିପାଲି ଦମୟନ୍ତୀ ଗଡ଼ତିଆ, ସିଡିପିଓ ଉଲୁଣ୍ଡା ଜୟନ୍ତୀ ସ୍ୱାଇଁ , ସିଡିପିଓ ବିନିକା ଲକ୍ଷ୍ମୀପ୍ରିୟା ମିଶ୍ର, ସିଡିପିଓ ବୀରମହାରାଜପୁର ସୁଦର୍ଶନୀ ରଥ, ଜିଲ୍ଲା ସଂଯୋଜକ ବାଲ୍ୟ ବିବାହ ନିରୋଧକ ରାକେଶ ପଧାନ ସହ ସମସ୍ତ ଆଇ ସି ଡି ଏସ ସୁପରଭାଇଜର, କିଶୋରୀ ବାଳିକା, ଏଏନଏମ, ଆଶା, ଅଙ୍ଗନୱାଡି କର୍ମକର୍ତ୍ତା, ଏନଆରସି କାଉନସିଲର ଦୀପ୍ତିମୟୀ ପଧାନ ଓ ସ୍ୱାଗତିକା , କେ ଭି କେ ବୈଜ୍ଞାନିକ ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତ ବ୍ଲକ ଆଇସିଡ଼ିଏସ ତରଫରୁସୁସ୍ଥ ଶିଶୁ ଓ ଏକ ସୁସ୍ଥ ମାଁ ସହ ସୁସ୍ଥ ଶରୀର ଓ ମାନସିକ ବିକାଶ ପାଇଁ ଉପଯୋଗୀ ବିଭିନ୍ନ ପୋଷାକ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା । ଦିବସ ପରିପ୍ରେକ୍ଷୀରେ ପ୍ରତି ବ୍ଲକ ସ୍ତରରୁ ଜଣେ ଲେଖାଏଁ ବେଷ୍ଟ ଅଙ୍ଗନୱାଡି କର୍ମୀ, ବେଷ୍ଟ ବେବି, ଓ ଅଦ୍ୱିକା ଚମ୍ପିୟାନ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଜିଲ୍ଲାର ବେଷ୍ଟ ଆଇ ସି ଡି ଏସ ସୁପରଭାଇଜର ଭାବେ ତରଭା ଆଇ ସି ଡି ଏସ ସ୍ୱାଗତିକା ରଥଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ପୁନଶ୍ଚ କାର୍ଯ୍ୟକ୍ରମ ରେ ସ୍ୱଟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ପୋଷକ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଇସିଡିଏସ ଷ୍ଟାଫ ଓ ସ୍ୱଧାର ଗୃହର ଅନ୍ତେବାସୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ।

# ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ବଲାଙ୍ଗିରର ବୈଠକ

ବଲାଙ୍ଗିର, ୦୮/୦୧ (ନି.ପ୍ର): ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖା ମାସିକ ବୈଠକ ଅମଲା ଭବନ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ସଭ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ଏବଂ ନୂତନ ସଭ୍ୟ ବୃନ୍ଦ ନିଜର ପରିଚୟ ପ୍ରଦାନ କରିଥିଲେ । ଆସନ୍ତା ମାର୍ଚ୍ଚ ମାସ ରେ ହେବାକୁ ଥିବା ବାର୍ଷିକ ସାଧାରଣ ସଭା ବିଷୟ ସଂପାଦକ ଗଡୁଆ ପ୍ରସ୍ତାବ ଆଗତ କରିଥିଲେ । ଏହି ବିଷୟ ଆଲେଚନା କରାଯାଇ ଆସନ୍ତା ମାର୍ଚ୍ଚ ୬ ତାରିଖରେ ଅମଲା ଭବନ ରେ ଉପରୋକ୍ତ ସାଧାରଣ ସଭା ଅନୁଷ୍ଠିତ କରାଯିବା ପାଇଁ ଧାର୍ଯ୍ୟ କରାଗଲା । ତାପରେ ଯେଉଁ ସଭ୍ୟ ବୃନ୍ଦ ଶର୍ଯ୍ୟାଶାୟୀ ହୋଇରହିଛନ୍ତି, ସଭାପତି ଓ ସଂପାଦକଙ୍କ ସମେତ ଏକ ପାଞ୍ଚ ଜଣିଆ ଦଳ ସେମାନଙ୍କ ଘର କୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ସଂଘର ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ ସଂଘର କାର୍ଯ୍ୟାଳୟ ପାଇଁ ବନ୍ଦ ହୋଇ ପଡିଥିବା ଭଗତ ସିଂହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ବଲାଙ୍ଗିର ଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ବିଷୟରେ ଆଲୋଚନା କର୍ ?ାଇ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ସଭାପତି ଏବଂ ସଂପାଦକଙ୍କ ସମେତ ୭ ଜଣ ବରିଷ୍ଠ ସଭ୍ୟ ବୃନ୍ଦ ସାକ୍ଷାତ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଆଜିକାର ସଭାରେ ଉପଦେଷ୍ଟା ସତ୍ୟବନ୍ତ ବେଦବାକ୍ୟ, ନୀଳମଣି ମିଶ୍ର, ଉପସଭାପତି ପର୍ଶୁରାମ ନାୟକ, ପ୍ରସନ୍ନ କୁମାର ମିଶ୍ର ଓ ଯୁଗ୍ମ ସଂପାଦକ ପୁରୁଷୋତ୍ତମ ପଣ୍ଡା ମଂଚାସିନ ହୋଇଥିଲେ । ଏତଦ୍‌ବ୍ୟତିତ କାର୍ଯ୍ୟକାରୀ ସଭ୍ୟ ପ୍ରଭାକର ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଜୀବନ କୁମାର ତ୍ରିପାଠୀ, ହରେକୃଷ୍ଣ ପଟେଲ ମୋଟ ୨୪ ଜଣ ସଭ୍ୟ ଉପସ୍ଥିତ ରହି ଆଜିକାର ସଭାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ପକ୍ଷରୁ ଅସହାୟ ପରିବାରକୁ ସହାୟତା

କେନ୍ଦ୍ରାପଡ଼ା, ୦୮/୦୧ (ନି.ପ୍ର): କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇ ଥିବା ଜଣାପଡ଼ିଛି । ସୋସାଇଟ୍‌ର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ସମବାୟବିତ୍ ପ୍ରମୋଦ କୁମାର ସାହୁ ଡେରାବିଶ ବ୍ଲକ ରଘୁଦେଇପୁର ପଂଚାୟତ ଅଧିନ ବେଲାରପୁର ଗ୍ରାମର ଅସହାୟ ବୃଦ୍ଧା ଚାରୁ ନାୟକଙ୍କ ପରିବାରକୁ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି । ତାଙ୍କ ପୁଅ ନିରଞ୍ଜନ ନାୟକ ୪୭ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁବରଣ କରିବା ପରେ ପରିବାରଟି ଅସହାୟ ହୋଇ ପଡ଼ିଥିଲା । କୌଣସି ସୂତ୍ରରୁ ଖବର ପାଇ ଶ୍ରୀ ସାହୁ ସଂପୃକ୍ତ ପରିବାର ନିକଟରେ ପହଂଚି ସୋସାଇଟ ପକ୍ଷରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ନାମରେ ନାମିତ ଜ୍ଞାନଦେବୀ ଗୁଜୁରାଣ ସହାୟତା ପାଣ୍ଠିରୁ ପ୍ରତି ମାସରେ ସେହି ପରିବାରକୁ ୧ ହଜାର ଟଙ୍କା କରି ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଶ୍ରୀମତୀ ଭକ୍ତିଲତା ନାୟକ, ପ୍ରମୋଦ କୁମାର ମିଶ୍ର, ମୁଖ୍ୟ ଶାଖା ପରିଚାଳକ ରମେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

ଭୁବନ, ୦୮/୦୧ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଆନୁଷ୍ଠାନିକଭାବେ ଉଦଘାଟିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ତହସିଲଦାର ରାଜୀବ ଲୋଚନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱେଚ୍ଛାସେବୀ ମାନଙ୍କୁ ସେବାହିଁ ପରମ ଧର୍ମ, ସେବାକୁ ସମସ୍ତେ ନିଜକର୍ତବ୍ୟବୋଲି ଭାବିବା ଦାରକାର, ସେବା ଦେଇଥିଲେ ନିଶ୍ଚୟ ସେବା ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ନିଜେ ଶିଖିବା ଓ ପରବର୍ତି ସମୟରେ ଜୀବନ ଯାପନରେ ଶିଖିଥିବା କାର୍ଯ୍ୟକୁ ଲଗାଇଲେ ଏକ ସମୃଦ୍ଧ ଭାରତ ଗଠନ ହୋଇପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା ଡ. ମମତା ପାତ୍ର ଜାତୀୟ ସେବା ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ପ୍ରୋଗ୍ରାମ ଅଫିସର ନିରଂଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ସପ୍ତାହବ୍ୟାପି ଚାଲିବ ଓ ଆସନ୍ତା ୧୩ ତାରିଖରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଏହି ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀଙ୍କ ସହିତ କର୍ମଚାରୀ ଲକ୍ଷ୍ମଣ ସାହୁ , ସୁନିଲ ପଟ୍ଟନାୟକ, ରଙ୍ଗଲତା ସାହୁ , ନିର୍ମଳା ସାହୁଯୋଗଦାନ କରିଥିଲେ ।

# ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୮/୦୧ (ନି.ପ୍ର): ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଆଗାମୀ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଚଂଚଳ ରାଣା ଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ,ଡିଏସପି ଡିଆଇବି ତପନ ନାରାୟଣ ରଥ ,ଏସଡିପିଓ ତୋଫାନ କୁମାର ବାଗ ଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ ,ବିଭିନ୍ନ ବିଭାଗର ଅଧିକାରୀ ,ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ର କର୍ମକର୍ତା ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର କର୍ମକର୍ତା ଓ ଗଣ ମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ କୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ । ବୈଠକର ନିଷ୍ପତି ପ୍ରକାରେ ତା ୨୬ .୦୧.୨୦୨୩ ରିଖ ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୫ ଘଟିକା ସମୟରେ ରାମଧୁନ ,ସକାଳ ୬ ରୁ ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ,ସକାଳ ୭ ରୁ ୭ .୩୦ ମଧ୍ୟରେ ସରକାରୀ ,ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ ,ସକାଳ ୭.୧୫ ରୁ ୭.୪୫ ମଧ୍ୟରେ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ ଏବଂ ସକାଳ ୮.୩୦ ସମୟରେ ମନୋହରପୁର ରିଜର୍ଭ ପୋଲିସ ପଡିଆ ରେ ଆନୁଷ୍ଠାନିକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ ।

# ଝାଲପଡା ଗାଁ ଦୁଆର ମୁହଁ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଶାଳା, ୦୮/୦୧ (ନି.ପ୍ର): ଦିନକୁ ଦିନ ଗାଁର ଦୁଆର ମୁହଁ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଏଭଳି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତରେ । ଏହି ପଂଚାୟତର ଝାଲପଡା ଛକଠାରୁ ନଦୀ ବନ୍ଧକୁ ସଂଯୋଗ କରୁଥିବା ସହ ଗାଁ ଭିତରକୁ ଯାଇଥିବା କଂକ୍ରିଟ ରାସ୍ତାର ଉଭୟ ପାର୍ଶ୍ୱ ଭାଙ୍ଗି ଯାଇଛି । ପଂଚାୟତର ଶହଶହ ଜନସାଧାରଣ ଦୈନନ୍ଦିନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । କିଛି ଦିନ ପୂର୍ବରେ ଏହି ରାସ୍ତାର ଉନ୍ନତିକରଣ କରାଯାଇ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା । ଯାହାକି ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇଥିଲା । ୩ ରୁ ୪ ମାସ ହେବ ବ୍ରାହ୍ମଣୀ ନଦୀରୁ ବାଲି ମାଫିଆମାନେ ହାଇୱା ଦ୍ୱାରା ବେଆଇନ ଭାବେ ବାଲି ଉତୋଳନ କରି ଏହି ଗାଁ ରାସ୍ତା ଦେଇ ଯାତାୟତ କରୁଛନ୍ତି । ଫଳରେ ଏହି କଂକ୍ରିଟ୍ ରାସ୍ତାର ଉଭୟ ପାର୍ଶ୍ୱ ଭାଙ୍ଗି ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହାଇୱାକୁ ଏହି ରାସ୍ତାରେ ନ ଯିବା ପାଇଁ ବାରଣ କରାଯାଇଥିଲା । ହେଲେ ସେମାନେ ବିଳମ୍ବିତ ରାତିରେ ବାଲି ଉତୋଳନ କରି ଏହି ରାସ୍ତାରେ ଯାତାୟତ କରିଥାନ୍ତି । ଏନେଇ ବାଲି ମାଫିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହି ରାସ୍ତାର ମରାମତି କରିବାକୁ ପ୍ରତିଶୃତି ଦେଇ ଭୁଲି ଗଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ରାସ୍ତା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । କାକୁଡିକୁଦ, ରୁଦ୍ରପୁର ଓ ଝାଲପଡା ଆଦି ଅଂଚଳର ଏହା ମୁଖ୍ୟ ରାସ୍ତା । ଯାହାକି ଯାତାୟତ ସମୟରେ ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବା ନଜିର ରହିଛି । ଏବଂ ଏହି ରାସ୍ତା ଦେଇ ଅଟୋ ଓ କାର ଯାଇ ପାରୁ ନ ଥିବା ବେଳେ ଲୋକେ ଏଠାରୁ ଚାଲିଚାଲି ଗାଁକୁ ଯାଇଥାନ୍ତି । ତେବେ ଏଭଳି ଘଟଣାକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗାଁ ଲୋକେ କହିଛନ୍ତି ।

## ଚଟପଟା ଫ୍ରାଏଡ୍ ମୋମୋଜ୍



**ଆବଶ୍ୟକ ସାମଗ୍ରୀ:**
ମଇଦା, ବନ୍ଧା କୋବି, ଗାଜର, କ୍ୟାପ୍ସିକମ୍, ଧନିଆ ପତ୍ର, ତେଲ, କଞ୍ଚା ଲଙ୍କା, ଅଦା, ଲୁଣ, ଦହି, ବେସନ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ବଟର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦାରେ ଅଳ୍ପ ତେଲ ଓ ପାଣି ମିଶାଇ ଭଲକରି ଦଳି ଦିଅନ୍ତୁ। ନରମ ହେବା ଲାଗି ଏହାକୁ ୨୦ ରୁ ୨୫ ମିନିଟ୍ ଓଦା କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏବେ ବନ୍ଧା କୋବି, ଗାଜର, କ୍ୟାପ୍ସିକମ୍, ଅଦା ଓ ଧନିଆ ପତ୍ରକୁ ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଲୁଣ ଓ କଟା କଞ୍ଚା ଲଙ୍କାକୁ ଏହି ପରିବାରେ ମିଶାନ୍ତୁ।

ଏହାପରେ ଚକଟା ହୋଇ ରଖା ଯାଇଥିବା ମଇଦାରେ ଛୋଟ ଛୋଟ ଗୁଳା ତିଆରି କରି ବେଲନ୍ତୁ ଓ ପରିବାକୁ ଏହା ଭିତରେ ପୂର ଭଳି ଦିଅନ୍ତୁ। ଏହାକୁ ନିଜ ମନ ପସନ୍ଦର ଆକୃତି ଦେଇ ଚାରିପଟୁ ବନ୍ଦ କରି ଦିଅନ୍ତୁ।

ଏବେ ଆଉ ଏକ ପାତ୍ରରେ ଦହି ଓ ବେସନର ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲହୁଣୀ ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ମୋମୋ ଗୁଡ଼ିକୁ ଏହି ଘୋଳରେ ବୁଡ଼ାନ୍ତୁ ଓ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ଗୋଲଡେନ ବ୍ରାଉନ୍ ହେବା ଯାଏ ମୋମୋଗୁଡ଼ିକୁ ତେଲରେ ରଖନ୍ତୁ। ତା'ପରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଫ୍ରାଏଡ୍ ମୋମୋଜ୍। ଏହାକୁ ଲଙ୍କା ଚଟଣୀ ଓ ମେଓନିଜ୍ ସହିତ ଗରମ ଗରମ ପରଷନ୍ତୁ।



# ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବଜ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି। ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ୱା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି। ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶୋଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।



# ଶାନ୍ତି ପାଇଁ





ମଣିଷ ନିଜ ଉଦ୍ୟମ, ଦୃଢ଼ ମନୋବଳ, ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ଧନ ତ ରୋଜଗାର କରିପାରେ, ହେଲେ ଶାନ୍ତି ପାଇପାରେ ନାହିଁ କି ସୁଖୀ ହୋଇପାରେ ନାହିଁ । ଏହା କୌଣସି ବସ୍ତୁ ବା ଦ୍ରବ୍ୟ ନୁହେଁ ଯେ ବଜାରରୁ କିଣାଯାଇ ପାରିବ । ଏହା ମୁଖ୍ୟତଃ ବ୍ୟକ୍ତିର ମାନସିକତା, ଜୀବନ ଦର୍ଶନ ତଥା ଜୀବନ ପ୍ରତି ତା'ର ପ୍ରାଥମିକତା ଉପରେ ନିର୍ଭର କରେ । ଶାନ୍ତି ଏମିତି ଏକ ଆବଶ୍ୟକତା ଯାହାକୁ ବଶୀଭୂତ କରିବା ପାଇଁ ସମେସ୍ତ ଚାହାନ୍ତି । ଏଥିପାଇଁ ଲୋକେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଶାନ୍ତି ପାଇବା ନିମନ୍ତେ ବହୁ ଉପାୟ କରନ୍ତି । ପୂଜାପାଠ ବି କରନ୍ତି, ହେଲେ ସେଥିରୁ ବି ସୁଫଳ ମିଳେ ନାହିଁ । ତେବେ ଏହାର ଉପାୟ ବାସ୍ତୁଶାସ୍ତ୍ରରେ ଅଛି ବୋଲି ବାୟୁ ବିଶେଷଜ୍ଞ ଦାବି କରନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ସୁଖଦୁଃଖ, ଉନ୍ନତିଅବନତି, ଶାନ୍ତି, ରୋଗବଇରାଗ ସବୁ ବାସ୍ତୁ ଦ୍ୱାରା ନିୟନ୍ତ୍ରିତ ହୁଏ । ସବୁ କିଛି ନିର୍ଭର କରେ ସକାରାତ୍ମକ ଓ ନକାରାକତ୍ମକ ଶକ୍ତି ଉପରେ । ସକାରାତ୍ମକ ଶକ୍ତିର ସଠିକ୍ ଉପଯୋଗ ଓ ନକାରାତ୍ମକ ଶକ୍ତିର ବିନାଶ ବାୟୁ ମାଧ୍ୟମରେ କରାଯାଇ ପାରିବ । ପରିବାରର ସୁଖ ଓ ଶାନ୍ତି ପାଇଁ ବାସ୍ତୁଶାସ୍ତ୍ର ଅନୁସାରେ ନିମ୍ନଲିଖିତ ଉପାୟ ଅବଲମ୍ୱନ କରାଯାଇପାରେ ।

ଘରର ମୁଖ୍ୟପ୍ରବେଶ ଦ୍ୱାର ପୂର୍ବ ମୁହାଁ ହେବା ଉଚିତ । ଯଦି ଆପଣଙ୍କ ଘରର ପ୍ରବେଶ ପଥ ପୂର୍ବରେ ନଥାଏ, ତା'ହେଲେ ମୁଖ୍ୟ ଦ୍ୱାରର ଠିକ୍ ସମ୍ମୁଖରେ ଏକ ବଡ଼ ଦର୍ପଣ ଲଗାନ୍ତୁ ଏବଂ ସ୍ୱସ୍ତିକ ଚିହ୍ନ ରଖନ୍ତୁ। ତା ସହିତ ପୂର୍ବୋତ୍ତର ଦିଗରେ ଏକ କଳସ ରଖନ୍ତୁ । ଆମ୍ବପତ୍ର ଶୁଖିବା ପୂର୍ବରୁ ପାଣି ସହିତ ତାକୁ ବି ନିୟମିତ ବଦଳାନ୍ତୁ ।

# ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ'। ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି। ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼। ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା। ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ।



■ ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ପଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ। ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ୱିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ବଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା। ବିକ୍ରମଖୋଲ ଗୁମ୍ଫାର ଦୌର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍। ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ପଷ୍ଟ ଚିତ୍ର।

■ ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ୱର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି। ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ। ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ। ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ।

■ ବିକ୍ରମଖୋଲ ଗୁମ୍ଫାର ଅନିତ ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି। ଯେଉଁଥିରେ କେତେକ ପ୍ରାଚୀନ ଶିଳାଲିପି ଓ ଅସ୍ପଷ୍ଟ ଚିତ୍ର ଦୃଶ୍ୟମାନ। ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି। ମାଲିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ।




■ ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ପଷ୍ଟ। ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ପଷ୍ଟ କରି ନାହାନ୍ତି।

■ ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି।

# ଘିଅରୁ ଉଜ୍ଜ୍ୱଳ ହେବ ତ୍ୱଚା: ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ

ଏକ ଚାମଚ ଘିଅକୁ ରୁଟିରେ ଲଗାଇବା ଦ୍ୱାରା ଏହାର ସ୍ୱାଦ ବହୁଗୁଣିତ ହୁଏ । ଏହା ତରକାରି ତିଆରି ପାଇଁ ଏବଂ ପ୍ରସ୍ତୁତି ପରେ ଡାଲି କିମ୍ୱା ଶାଗ ଉପରେ ସଜାଇବା ପାଇଁ ମଧ୍ୟ ବ୍ୟବହୃତ ହୁଏ । ଅନେକ ଲୋକ କେଶରେ ମଧ୍ୟ ଘିଅ ଲଗାନ୍ତି ଯାହା ଦ୍ୱାରା କେଶ ମୋଟା ଏବଂ ନରମ ହୋଇଯାଏ । କିନ୍ତୁ, ଆପଣ ଜାଣନ୍ତି କି ଘିଅ ମଧ୍ୟ ଚେହେରାରେ ପ୍ରୟୋଗ କରାଯାଏ । ଘିଅ ପୁଷ୍ଟିକର ହୋଇଥାଏ ତେଣୁ ଏହା ତ୍ୱଚାକୁ କୋମଳ କରିଥାଏ ଏବଂ ଅପରିଷ୍କାରତାକୁ ମଧ୍ୟ ଦୂର କରିଥାଏ ଯେଉଁଥିରେ ଦାଗ, ପିମ୍ପଲ୍ ଏବଂ ଡାର୍କ ସର୍କଲ୍ ଇତ୍ୟାଦି ସାମିଲ ଥାଏ । ଘିଅ ଭିଟାମିନ୍ ଏ, ଡି, ଇ ଏବଂ କେ ରେ ଭରପୂର ହୋଇଥାଏ । ଏଥିରେ ଭଲ ପରିମାଣର ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ମିଳିଥାଏ । ମୁହଁରେ ଘିଅକୁ କିପରି ପ୍ରୟୋଗ କରାଯାଇପାରିବ ଜାଣନ୍ତୁ ।

ମୁହଁରେ ଘିଅ ପ୍ରୟୋଗ କରିବାର ଲାଭ ।

ଘିଅରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ମିଳିଥାଏ । ଏହା ଚର୍ମ ଉପରେ ଚମତ୍କାର ଭଳି ପ୍ରଭାବ ଦେଖାଏ । ବିଶେଷକରି ଘିଅ ଚମକୁଥିବା ଚର୍ମ ପାଇବା ପାଇଁ ବ୍ୟବହାର କରାଯାଇପାରେ ।

ଭିଟାମିନରେ ଭରପୂର ଘିଅ ଏହାର ଆଣ୍ଟି-ବାର୍ଦ୍ଧକ୍ୟ ଗୁଣ ଯୋଗୁଁ ମୁହଁରେ ଆସୁଥିବା କୁଞ୍ଚକୁ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ । ଏହାଦ୍ୱାରା ଚର୍ମ ସତେଜ ମଧ୍ୟ ହୋଇଥାଏ ।

ମୁହଁରେ କୁଣ୍ଡେଇ ହେଉଥିଲେ ମଧ୍ୟ ଘିଅ ପ୍ରୟୋଗ କରିବା ଲାଭଦାୟକ ହୋଇଥାଏ ।

ଶୁଖିଲା ଚର୍ମକୁ ଆର୍ଦ୍ରତା ଦେବାରେ ଘିଅର ପ୍ରଭାବ ମଧ୍ୟ ଦେଖାଯାଏ ।

ଯଦି ଓଠରେ ଘିଅ ପ୍ରୟୋଗ କରାଯାଏ, ତେବେ ସେମାନଙ୍କର କଟିବା ଏବଂ ଛିଣ୍ଡିବା ସମସ୍ୟା ଦୂର ହୋଇଯାଏ।

ଆଖି ତଳେ ଡାର୍କ ସର୍କଲ ହଟାଇବା ପାଇଁ ପ୍ରତିଦିନ ରାତିରେ ଘିଅ ପ୍ରୟୋଗ କରାଯାଇପାରେ ।

ବ୍ରଣ ଦୂର କରିବାରେ ଘିଅ ମଧ୍ୟ ସାହାଯ୍ୟ କରିଥାଏ ।

**ଘିଅ ଏବଂ ବେସନ**

ପିଗମେଣ୍ଟେସନ୍ ପାଇଁ ୨ ଚାମଚ ଘିଅ ନିଅନ୍ତୁ । ଗୋଟିଏ ଚାମଚ ବେସନରେ ଏକ ଚାମଚ ହଳଦୀ ଏବଂ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖିବା ପରେ ଏହି ଫେସ୍ ପ୍ୟାକ୍ ଧୋଇ ଦିଅନ୍ତୁ ।

**ଘିଅ ଏବଂ କେଶର**

ମୁହଁରେ ଥିବା କୁଞ୍ଚିକୁ ହ୍ରାସ କରିବା ଏବଂ ଘିଅର ଆଣ୍ଟି-ଏଜିଙ୍ଗ୍ ଗୁଣ ପାଇବା ପାଇଁ ଘିଅ ସହିତ କେଶର ମିଶାଇ ମୁହଁରେ ଲଗାନ୍ତୁ । ଗୋଟିଏ କିମ୍ୱା ଦୁଇ ଚାମଚ ଘିଅ ନିଅନ୍ତୁ ଏବଂ ସେଥିରେ ୩-୪ ଟି କେଶର ଗୁଣ୍ଡ ମିଶାନ୍ତୁ । ଏହାକୁ କିଛି ସମୟ ପାଇଁ ଛାଡିଦିଅନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପାଇଁ ମୁହଁରେ ଲଗାନ୍ତୁ ।

**ଘିଅ ଏବଂ ହଳଦୀ**

ଏହି ଫେସ୍ ପ୍ୟାକ୍ ଟ୍ୟାନିଂ ଏବଂ ଦାଗ ହଟାଇବା ପାଇଁ ପ୍ରୟୋଗ କରାଯାଇପାରେ । ଆବଶ୍ୟକତା ଅନୁଯାୟୀ ଏକ ପାତ୍ରରେ ଘିଅ ଏବଂ ଅଧା ଚାମଚ ହଳଦୀ ନିଅନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମିଶାନ୍ତୁ ଏବଂ ଏହାକୁ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଚେହେରା ଉଜ୍ଜ୍ୱଳ ହେବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିପ୍ଳବ ନିଷ୍ପତ୍ତି ...

ଅଣ-ୟୁରୋପୀୟ ବିଶ୍ୱର ଅନ୍ୟାନ୍ୟ ଅନେକ ଦେଶଙ୍କ ଭଳି ଭାରତ ଶିଳ୍ପ ବିପ୍ଳବର ସୁଯୋଗକୁ ହରାଇ ଥିଲା । ଆଉ ଯେତେବେଳେ ଏହି ବିପ୍ଳବ ଏକ ଉପନିବେଶବାଦୀ ସାମ୍ରାଜ୍ୟବାଦୀ ଶାସନ କଳ ଅଧୀନରେ ଭାରତରେ ପହଞ୍ଚିଲା, ତାହା ଏକ ଉଦାର ଉପହାର ଅପେକ୍ଷା ଶୋଷଣକାରୀ ଶାପ ବା ଅଭିଶାପର ଆକାର ପରିଗ୍ରହ କଲା । ସ୍ୱାଧୀନ ଭାରତ ସବୁଜ ଏବଂ ଶ୍ୱେତ ବିପ୍ଳବକୁ କାର୍ଯ୍ୟକାରୀ କରିବାର ଦୃଢ଼ ନିଷ୍ପତ୍ତି ନେଲା, କିନ୍ତୁ ଏସବୁ ଅତ୍ୟଧିକ ଦାରିଦ୍ର୍ୟ ଏବଂ ଦୁର୍ଦ୍ଦଶାରୁ ମୁକ୍ତି ପାଇବା ନିମନ୍ତେ ଅତି ଆତୁରତାର ସହିତ କରାଯିବା ବେଳେ ଏହାର ମୂଳ ନିୟନ୍ତ୍ରଣ ସରକାରୀ କଳ ହାତରେ ରହିଲା । ରେଡିଓ ଏବଂ ଟିଭି ସମେତ ଅନ୍ୟାନ୍ୟ ବ୍ୟାଘାତ ସୃଷ୍ଟିକାରୀ ସାମୂହିକ ଜ୍ଞାନକୌଶଳଗୁଡ଼ିକ ଯେତେବେଳେ ସାଧାରଣ ଜନତାଙ୍କ ଦ୍ୱାରା ଗ୍ରହଣୀୟ ହେଲା, ଏହି କାହାଣୀ ମଧ୍ୟ କିଛି ଭିନ୍ନ ନଥିଲା । ଏମିତିକି ଅର୍ଥନୀତିକ ଉଦାରବାଦ ଅଭିମୁଖେ ଦୌଡ଼ ପ୍ରତିଯୋଗିତା ବା ବଡ଼ବଡ଼ ସହରାଂଚଳ ପ୍ରତିଷ୍ଠା କିମ୍ବା ଟେଲିଫୋନ୍‌କୁ ଦେଶବ୍ୟାପି ସମ୍ପ୍ରସାରଣ କରିବା କ୍ଷେତ୍ରରେ ଭାରତ ଚୀନ୍ ଏବଂ ଦକ୍ଷିଣ କୋରିଆ ଭଳି ଅନ୍ୟାନ୍ୟ ରାଷ୍ଟ୍ରଙ୍କ ତୁଳନାରେ ମନ୍ଥର ଗତି ଆପଣାଇ ଥିଲା । ଏହା ପରେ କେବଳ ଏକ ଉଦାରବାଦୀ ଭାରତବର୍ଷରେ ହିଁ ସଫ୍ଟୱେର ଏବଂ ଅନ୍ୟାନ୍ୟ ସେବାଗୁଡ଼ିକୁ ଅର୍ଥନୀତିକ ଇଞ୍ଜିନ୍ ହେବା ନିମନ୍ତେ ଏକ ଚଳଚଂଚଳ ଉଦ୍ୟୋଗରେ ପରିଣତ କରି, ଯାହାକି ସାମଗ୍ରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଗଣ କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ମିଲିଅନ୍ ମିଲିଅନ୍ ସଂଖ୍ୟକ ଲୋକଙ୍କ ଜୀବନକୁ ପରିବର୍ତ୍ତିତ କାରବାର ସାମର୍ଥ୍ୟ ରଖେ, ତାହା କରିବା ପରେ ଆମେ ଇଣ୍ଟରନେଟ୍ ଏବଂ ମୋବାଇଲ ପ୍ରଯୁକ୍ତିକୁ ଗ୍ରହଣ କଲୁ । ଏହି କ୍ରମରେ ସମ୍ପ୍ରତି କେନ୍ଦ୍ର ସରକାର ଜାତୀୟ ସବୁଜ ସଦ୍‌ଜାନ ବା ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଆରମ୍ଭ କରିବାକୁ ଯାଉଛନ୍ତି । ସରକାର ଭାରତକୁ ସବୁଜ ଉଦ୍‌ଜାନ ଏବଂ ଏହାର ଉଦ୍‌ବୃତ୍ତଗୁଡ଼ିକର ଏକ କେନ୍ଦ୍ରସ୍ଥଳୀରେ ପରିଣତ କରିବା ସଙ୍ଗେ ସଙ୍ଗେ ଏହାର ଉତ୍ପାଦନ, ଉପଯୋଗ ଏବଂ ରପ୍ତାନୀ କ୍ଷେତ୍ରରେ ନେତୃତ୍ୱ ନେବାର ଉଦ୍ଦେଶ୍ୟ ରଖିଥିବାରୁ ସମଗ୍ର ବିଶ୍ୱରେ ଏକ ନୂତନ ବିପ୍ଳବର ସୂତ୍ରପାତ କରିବାର ପ୍ରଥମ ଉଦ୍ୟୋକ୍ତା ହେବାର ଆଶା ପୋଷଣ କରିଛନ୍ତି । ଜାତୀୟ ସବୁଜ ଉଦ୍‌ଜାନ (ଏନ୍‌ଜିଏଚ୍) ମିଶନ୍ ନିମନ୍ତେ କେନ୍ଦ୍ର କ୍ୟାବିନେଟ୍ ୧୭,୪୯୦ କୋଟି ମଞ୍ଜୁର କରି ସାରିଛନ୍ତି, ଯାହା ପୁନର୍ନବୀକରଣୀୟ ଶକ୍ତିରୁ ଉଦ୍‌ଜାନର ଉତ୍ପାଦନକୁ ସୁଗମ କରିବାର ଲକ୍ଷ୍ୟ ବହନ କରେ । ଉଦ୍‌ଯାନ ଏକ ଅତ୍ୟାବଶ୍ୟକୀୟ ଔଦ୍ୟୋଗିକ ଜାଳେଣି । ଆମୋନିଆ ଉତ୍ପାଦନ କରିବା, ଷ୍ଟିଲ ଏବଂ ସିମେଣ୍ଟ ତିଆରି କରିବାଠାରୁ ଆରମ୍ଭ କରି ବସ୍ ଏବଂ କାର୍ ଚଳାଇବା ସହିତ ଜାଳେଣି କୋଷଗୁଡ଼ିକୁ ଶକ୍ତିପ୍ରଦାନ କରିବା ଭଳି ଏହାର ଅନେକ ପ୍ରକାରର ଉପଯୋଗ ରହିଛି । ତେବେ କୋଇଲା ଓ ପ୍ରାକୃତିକ ଗ୍ୟାସ୍ ଭଳି ଜୀବାଶ୍ମ ଜାଳେଣିଗୁଡ଼ିକରୁ ଅଧିକ ଅଙ୍ଗାରକ ନିର୍ଗମନ ହେବ, ଯାହା ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ବୃଦ୍ଧି କରିବାରେ ସହାୟକ ହେବ ଏବଂ ତଦ୍ୱାରା ପ୍ରଦୂଷଣ-ବିହୀନ ଜାଳେଣି ସୃଷ୍ଟି କରିବାର ଲକ୍ଷ୍ୟ ବ୍ୟାହତ ହେବ । ତେଣୁ ସୌର ଏବଂ ପବନ ଶକ୍ତି ଭଳି ପୁନର୍ନବୀକରଣୀୟ ଶକ୍ତି ଉତ୍ସଗୁଡ଼ିକରୁ ଉଦ୍‌ଜାନ ଜାଳେଣି ସୃଷ୍ଟି କରିବା ବୈଶ୍ୱିକ ତାପାୟନ ହ୍ରାସ ସହିତ ବିକଳ୍ପ ଶକ୍ତି ଭାବରେ କାର୍ଯ୍ୟ କରି ପାରିବ । ତେବେ ଏହା ଅଧିକ ବ୍ୟୟସାପେକ୍ଷ । ଉଦାହରଣ ସ୍ୱରୂପ, କୋଇଲାରୁ ଜାଳେଣି ଭାବରେ ବ୍ୟବହାର କରି ଏକ କିଲୋଗ୍ରାମ୍ ଉଦ୍‌ଜାନ ଉତ୍ପାଦନ ପାଇଁ ୦.୯ ଡଲାରରୁ ୧.୫ ଡଲାର ଖର୍ଚ୍ଚ ହେଉଥିବା ବେଳେ ପୁନର୍ନବୀକରଣରୁ ଉତ୍ସରୁ ଏହି ପରିମାଣର ଉତ୍ପାଦନ ପାଇଁ ଖର୍ଚ୍ଚ ହୋଇଥାଏ ୩.୫ରୁ ୫.୫ ଡଲାର ପର୍ଯ୍ୟନ୍ତ ଅର୍ଥ । ପରନ୍ତୁ, ସାମ୍ପ୍ରତିକ ସମୟରେ ସୌର ଶକ୍ତିର ମୂଲ୍ୟ ତୁଳନାରେ ହ୍ରାସ ପାଇଥିବାରୁ ସରକାର ଏହାକୁ ସମ୍ପୂର୍ଣ୍ଣ ଭାବରେ ପୁନର୍ନବୀକରଣ ଶକ୍ତି ଉତ୍ସରୁ ଉତ୍ପାଦନ ତଥା ପରିବହନ କରିବା ନିମନ୍ତେ, ଯେଉଁ ସ୍ଥାନରେ କି ସେଗୁଡ଼ିକର ବିଭିନ୍ନ ପ୍ରକାରର ଔଦୋଗିକ ପ୍ରୟୋଗ ପାଇଁ ବ୍ୟବହାର କରାଯାଇ ପାରିବ, ସେହି ଉଦ୍ଦେଶ୍ୟରେ ଭାରତୀୟ ଉଦ୍ୟୋଗ ପାଇଁ ଏକ ସକ୍ଷମକାରୀ ପରିବେଶ ସୃଷ୍ଟି କରିବାକୁ ଏନ୍‌ଜିଏଚ୍ ମିଶନ୍ ଭିତ୍ତିଭୂମିର ବିକାଶ କରିବା ଲକ୍ଷ୍ୟ ରଖିଛନ୍ତି । ଏ ସମ୍ପର୍କିତ ବିଶଦ ବିବରଣୀ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇ ନଥିଲେ ସୁଦ୍ଧା ଏନ୍‌ଜିଏଚ୍ ମିଶନ୍ ଇଲେକ୍ଟ୍ରୋଲାଇଜରଗୁଡ଼ିକର ନିର୍ମାଣ କରିବାକୁ ଅର୍ଥ ଯୋଗାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ୨୦୩୦ ସୁଦ୍ଧା ନିହାତି କମ୍‌ରେ ବାର୍ଷିକ ୫ ମିଲିଅନ୍ ଟନ୍ ସବୁଜ ଉଦ୍‌ଜାନ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।



# ପରିବର୍ତ୍ତନୀୟ ଜଳବାୟୁ ଓ ଭୋକିଲା ପୃଥିବୀ

**ଡକ୍ଟର ଲକ୍ଷ୍ମଣ ସାହୁ**

> ‘ଫୁସଫୁସ ଅଫ୍ ଦି ଆର୍ଥ’ ଭାବରେ ଜଣାଶୁଣା ଆମାଜନ ରେନ୍ଫରେଷ୍ଟ ବର୍ତ୍ତମାନ ଉତ୍ପାଦନ ଅପେକ୍ଷା କମ୍ କାର୍ବନ ଡାଇଅକ୍ସାଇଡ୍ ଗ୍ରହଣ କରିଥାଏ । ଏହିପରି ଜଙ୍ଗଲ ନଷ୍ଟ ହେତୁ ଅମ୍ଳଜାନ ଯୋଗାଣ ବ୍ୟାହତ ହେଉଛି । ଏହି ଘଟଣାରୁ ଆମେ ବୁଝି ପାରିବା କିପରି ପ୍ରାକୃତିକ ସନ୍ତୁଳନ ବିଚଳିତ ହୁଏ ।

ବିଶ୍ୱ ଏହି ୫୦ ତମ ଶତାବ୍ଦୀର ବିକାଶ ପାଇଁ ଗର୍ବିତ ସତ, କିନ୍ତୁ ପ୍ରତ୍ୟେକ ରାତିରେ ୮୨ ମିଲିୟନରୁ ଅଧିକ ଲୋକ ଭୋକିଲା ଶୋଇବାକୁ ଯାଆନ୍ତି । ଆମକୁ ଏହା ବିଶ୍ୱାସ କରିବାକୁ ପଡିବ । କାରଣ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପରିସଂଖ୍ୟାନରୁ ଏହି ସୂଚନାଯୋଗ୍ୟ ତଥ୍ୟ ପ୍ରକାଶ ପାଇଛି । ସେହି ପରିସଂଖ୍ୟାନରୁ ଅଧିକ ସୂଚନା ବାହାରିଲା । ବିଶ୍ୱର ୪୯ ଟି ଦେଶରେ ପ୍ରାୟ ପାଞ୍ଚ ନିୟୁତ ଲୋକ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅନୁଯାୟୀ, ଭୋକର କାରଣ ହେଉଛି ଯୁଦ୍ଧ । ରାଜନୈତିକ ଅସ୍ଥିରତା ଓ ବିଶ୍ୱରେ ତାପମାତ୍ରାର ପରିବର୍ତ୍ତନ । ଏହା ଆଉ କାହାରି ପାଇଁ ରହସ୍ୟ ନୁହେଁ । ଜଳବାୟୁ ପରିବର୍ତ୍ତନ ସମାଜର ପ୍ରାୟ ସମସ୍ତ ଦିଗକୁ ପ୍ରଭାବିତ କରୁଛି । ଏହାର ଅନ୍ୟତମ କାରଣ ହେଉଛି ବିକାଶ ନାମରେ ସବୁଜ ବନାନୀ ବିନାଶ ଏବଂ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି । ନଭେମ୍ବର ୬ରୁ ୧୮ ପର୍ଯ୍ୟନ୍ତ ଇଜିପ୍ଟର ଶର୍ମ ଏଲ୍ ଶେଖରେ ଆୟୋଜିତ କପ (ଉଡଂଚ) ୨୭ରେ ଏହି ପ୍ରସଙ୍ଗ ଗମ୍ଭୀର ଭାବରେ ଆଲୋଚନା କରାଯାଇଥିଲା । ସମାନ ସ୍ୱରରେ ନିକଟରେ ଆମ ଦେଶର ଜାତୀୟ ପରିବେଶ କୋର୍ଟ ମଧ୍ୟ ଦେଶର ବିଭିନ୍ନ ରାଜ୍ୟକୁ ଚେତାବନୀ ଦେଇଛନ୍ତି । ସହରାଞ୍ଚଳ ନାମରେ ବଡ ପୋଖରୀ, ବହୁ ମହଲା ବିଶିଷ୍ଟ ଗୃହ, ଜଳଭଣ୍ଡାର ଭରିବା, ପ୍ରଶସ୍ତ ରାସ୍ତା ନିର୍ମାଣ କରାଯାଉଛି । ଦେଶର ବିଭିନ୍ନ ସହରରେ ଗୋଟିଏ ପରେ ଗୋଟିଏ ଫ୍ଲାଏ ଓଭର ନିର୍ମାଣ କରାଯାଉଛି । ଏକ ‘ସ୍ମାର୍ଟ ସିଟି’ ଗଠନ ପାଇଁ ପଦକ୍ଷେପ ସବୁଜ ହେବାରେ ଲାଗିଛି । ଏହି ତଥ୍ୟ ବା ପରିସଂଖ୍ୟାନ ଦୁଇ ଭାରତୀୟ ପରିବେଶ ଅନୁସନ୍ଧାନକାରୀ ଅଶ୍ୱିନୀ ସାଙ୍କାଲା ଏବଂ ଭାସ୍ୱତୀ ରୋଚୋଧୁରୀଙ୍କ ଏକ ରିପୋର୍ଟରୁ ପ୍ରକାଶ ପାଇଛି । ସେମାନେ ମିଳିତ ଭାବରେ ‘ସହରୀ ବିକାଶ ଓ ଲୁକ୍କାୟିତ ଧ୍ୱଂସ’ ଶୀର୍ଷକ ଏକ ରିପୋର୍ଟକୁ ଅନ୍ତର୍ଜାତୀୟ ୟୁନିଅନ୍ ଫର୍ କନ୍ସର୍ଭେସନ୍ ଅଫ୍ ପ୍ରକୃତି (IUCN)ରେ ଦାଖଲ କରିଛନ୍ତି ।

ଏହି ରିପୋର୍ଟର ବିଷୟ ହେଉଛି ଦେଶର ବିଭିନ୍ନ ସହରରେ ଲଗାଯାଇଥିବା ଗଛଗୁଡ଼ିକ କେବଳ ଆଖିଦୃଶିଆ । ଏହିପରି ଗଛକୁ ସମ୍ପୃକ୍ତ ଶବ୍ଦରେ ଏକ ବଡ଼ ଗଛ କିମ୍ବା ଉଚ୍ଚ ଗଛ କୁହାଯାଇପାରିବ ନାହିଁ । ସହରୀ ସଭ୍ୟତାର ସୌନ୍ଦର୍ଯ୍ୟକରଣର ପ୍ରାୟ ୮୦ ପ୍ରତିଶତ ଉଚ୍ଚ ଗଛ କିମ୍ବା ଉଚ୍ଚ ଗଛ, ଟିକ୍, ବାଉଁଶ, ଆଶ୍ୱାଟ ଗଛ ନୁହେଁ । ପରିବେଶବିତ୍ ବୈଜ୍ଞାନିକମାନେ କହିଛନ୍ତି ଯେ ଏହିପରି ଉଦ୍ଭିଦଗୁଡିକର ପ୍ରଦୂଷଣ ବିରୋଧୀ କ୍ଷମତା ନାହିଁ । ଏହି ସମସ୍ତ ପ୍ରଜାତିର ଗଛଗୁଡ଼ିକ ବାୟୁରେ ଧୂଳି କଣିକା ଧାରଣ କରିବାର ପ୍ରାୟ କ୍ଷମତା ନାହିଁ । ସମାନ ଚିତ୍ର ଆମାଜନରେ ଜଙ୍ଗଲ ନଷ୍ଟ ହେବା ମାମଲାରେ ଉଭା ହୋଇଛି, ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ‘କପ ୨୭’ - ଜଳବାୟୁ ସମ୍ମିଳନୀ ପୂର୍ବରୁ ମଧ୍ୟ ଆମାଜନ ଜଙ୍ଗଲର ବିନାଶକୁ ନେଇ ପରିବେଶ କାର୍ଯ୍ୟକର୍ତ୍ତାମାନେ ସ୍ୱର ଉତ୍ତୋଳନ କରିଛନ୍ତି ।

ପରିବେଶ ବିଶେଷଜ୍ଞମାନେ ଦାବି କରୁଛନ୍ତି ଯେ ଆମାଜନ ବର୍ଷାରେ ଗଭୀର ଜଙ୍ଗଲ ନଷ୍ଟ ହେବା ହେତୁ ସାରା ବିଶ୍ୱରେ ପ୍ରାକୃତିକ ପରିବେଶର ଅବସ୍ଥା ଅଶାନ୍ତ ହୋଇପଡିଛି । ବ୍ରାଜିଲରେ ଏହି ବୃହତ ଜଙ୍ଗଲ ନଷ୍ଟ ହେତୁ ଗ୍ଲୋବାଲ ୱାର୍ମିଂ ବୃଦ୍ଧି ପାଉଛି । ବ୍ରାଜିଲର ପରାଜିତ ରାଷ୍ଟ୍ରପତି ଜାୟର ବୋଲସନାରୋ ବିକାଶ ନାମରେ ଆମାଜନ ଜଙ୍ଗଲକୁ ବିନାଶ କରୁଛନ୍ତି । ପରିବେଶ କାର୍ଯ୍ୟ କର୍ତ୍ତାମାନେ ଅଭିଯୋଗ କରିଛନ୍ତି ଯେ ଏହି ବିନାଶ ମୁଖ୍ୟତଃ କୃଷି ଜମି ବିସ୍ତାର, ଉତ୍ପାଦନ ଓ ଖଣି ନାମରେ କରାଯାଇଛି । ଗତ ଆର୍ଥିକ ବର୍ଷରେ ସରକାରୀ ନିଷ୍ପତ୍ତି ଅନୁଯାୟୀ ପ୍ରାୟ ଏକ ନିୟୁତ ହେକ୍ଟର ଜଙ୍ଗଲ ପୋଡି ପାଉଁଶ ହୋଇଯାଇଥିଲା । ଫଳସ୍ୱରୂପ ପ୍ରାୟ ଏକ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି ହୋଇଛି । ପରିବେଶ ବୈଜ୍ଞାନିକମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି । ‘ଫୁସଫୁସ ଅଫ୍ ଦି ଆର୍ଥ’ ଭାବରେ ଜଣାଶୁଣା ଆମାଜନ ରେନ୍ଫରେଷ୍ଟ ବର୍ତ୍ତମାନ ଉତ୍ପାଦନ ଅପେକ୍ଷା କମ୍ କାର୍ବନ ଡାଇଅକ୍ସାଇଡ୍ ଗ୍ରହଣ କରିଥାଏ । ଏହିପରି ଜଙ୍ଗଲ ନଷ୍ଟ ହେତୁ ଅମ୍ଳଜାନ ଯୋଗାଣ ବ୍ୟାହତ ହେଉଛି ।

ଏହି ଘଟଣାରୁ ଆମେ ବୁଝି ପାରିବା କିପରି ପ୍ରାକୃତିକ ସନ୍ତୁଳନ ବିଚଳିତ ହୁଏ । ଏହି କାରଣରୁ ଜଳବାୟୁ ସମ୍ମିଳନୀରେ ପ୍ରକୃତି ବିନାଶ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି କି ? ଚଳିତ ବର୍ଷର ଜଳବାୟୁ ସମ୍ମିଳନୀରେ ହୋଇଥିବା ଆଲୋଚନାରେ କୁହାଯାଇଛି ଯେ ପ୍ରଦୂଷିତ ଗ୍ୟାସ ନିର୍ଗମନ ଧୀରେ ଧୀରେ ବୃଦ୍ଧି ପାଇବ ଏବଂ ଏହାକୁ ‘ନେଟ୍ ଶୂନ’କୁ ଆଣିବା ବହୁ ଦୂର ଅଟେ । ସିଓପି-୨୭ (COP 27) ସମ୍ମିଳନୀରେ ଆଲୋଚନା ହୋଇଥିବା ପରି ୨୦୩୦ ସୁଦ୍ଧା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ୧୬ ପ୍ରତିଶତ ବୃଦ୍ଧି ପାଇବ । ବିଶ୍ୱ ତାପମାତ୍ରା ବୃଦ୍ଧି ହେବାର ଗୋଟିଏ କାରଣ ହେଉଛି ଶକ୍ତି ସମସ୍ୟା । ବିକାଶଶୀଳ ଦେଶମାନଙ୍କରେ ଗ୍ୟାସ ମୂଲ୍ୟ ବୃଦ୍ଧି ସହିତ, ଗରିବ ଦେଶର ସାଧାରଣ ଲୋକମାନେ ଗ୍ୟାସ ବଦଳରେ କୋଇଲା ଓ କାଠ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ।

ଏସିଆର ଦୁଇଟି ବୃହତ୍ତମ ଅର୍ଥନୀତି ମଧ୍ୟରୁ ଚୀନ୍ ଓ ଭାରତକୁ ଏହି ଜ୍ୱଳନ୍ତ ସମସ୍ୟାର ସାମ୍ନା କରିବାକୁ ପଡିବ । କପ ୨୭ ସମ୍ମିଳନୀ ତଥ୍ୟ ଦାବି କରିଛି ଯେ ଚୀନ୍‌ର ୬୩ ପ୍ରତିଶତ ଏବଂ ଭାରତର ୭୨ ପ୍ରତିଶତ ଶକ୍ତି ‘ଜୀବାଶ୍ମ ଇନ୍ଧନ’ରୁ ଆସିଛି । ସାମାଜିକ- ଅର୍ଥନୈତିକ ବ୍ୟବସ୍ଥାରୁ ବାହାରିବା ଯାହା କୋଇଲାରୁ ଉତ୍ପନ୍ନ ଇନ୍ଧନ ଉପରେ ନିର୍ଭର କରେ ବିକାଶଶୀଳ ଦେଶ ଚାହୁଁଛନ୍ତି । କପ-୨୭ (COP 27) ସମ୍ମିଳନୀ ବିକାଶଶୀଳ ଦେଶଗୁଡିକର ‘କ୍ଷତି ଓ କ୍ଷତି’ କ୍ଷେତ୍ରରେ ପାଣ୍ଠି ପାଇଁ ଦାବିଗୁଡିକ ଗ୍ରହଣ କଲା । ବିକଶିତ ଦେଶମାନେ ମଧ୍ୟ ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ପ୍ରକାଶ କରିଛନ୍ତି । ଯେହେତୁ ଆମେରିକା ଏହି ପାଣ୍ଠିର ଆବଶ୍ୟକତାକୁ ଗ୍ରହଣ କରିଛି । ଏହି ପ୍ରସଙ୍ଗରେ, ଆମେରିକାର ପଶ୍ଚିମ ଅଞ୍ଚଳର ପ୍ରସଙ୍ଗକୁ କିଛି ମାସ ପୂର୍ବରୁ ଉଲ୍ଲେଖ କରାଯାଇପାରେ । ଏହି ଅଞ୍ଚଳରେ ଅଗ୍ନିକାଣ୍ଡ, ମରୁଡ଼ି ଏବଂ ଉତ୍ତାପ ତରଙ୍ଗ ଏକାସାଙ୍ଗରେ ଘଟିଥିଲା । ସବୁଜ ବିନାଶ ଏବଂ ଯୋଜନାବଦ୍ଧ ବିକାଶର ବିଷୟ ‘ଗ୍ଲୋବାଲ ୱାର୍ମିଂ’ କିମ୍ବା ସମଗ୍ର ବିଶ୍ୱ ନଅ ମାସ ଧରି ଉତ୍ତାପର ଶିକାର ହେବାର ଅନ୍ୟତମ କାରଣ ଭାବରେ ଉଭା ହୋଇଛି ।

ମିଳିତ ଜାତିସଂଘର ମହାସଚିବଙ୍କ ଆହ୍ୱାନ ପରେ ଚଳିତ ବର୍ଷର କପ-୨୭ (COP 27) ସମ୍ମିଳନୀରେ ବିକଶିତ ଦେଶର ନେତୃତ୍ୱ ‘ସବୁଜ ଅର୍ଥନୀତି’ ପ୍ରସ୍ତାବ ଗ୍ରହଣ କରିଛନ୍ତି । ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ଏହାକୁ ‘ଜଳବାୟୁ ଅଭିଳାଷ ଉପରେ ଆନନ୍ଦ ଲମ୍ଫ’ ବୋଲି କହିଛନ୍ତି । ତାଙ୍କ କହିବାନୁସାରେ, ‘କାର୍ବନ ନିରପେକ୍ଷତା’ ରାଜ୍ୟର ହୃଦୟ ସହିତ ଜଡିତ ହେବା ଉଚିତ୍ । ତାହା ହେଉଛି, ‘କାର୍ବନ ନିରପେକ୍ଷ’ ବାକ୍ୟାଂଶ ଏକ ରାଜ୍ୟର ବିକାଶ ଯୋଜନା ସହିତ ଘନିଷ୍ଠ ଭାବରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ । ଅବଶ୍ୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ମିଳିତ ବିନିଯୋଗ ଏହି କ୍ଷେତ୍ରରେ ସାହାଯ୍ୟ କରିପାରିବ । କେବଳ ସେତେବେଳେ ଦେଶର ସ୍ଥାୟୀ, ସ୍ଥାୟୀ ବିକାଶ ସମ୍ଭବ । ଇଜିପ୍ଟର ଶର୍ମ ଏଲ୍-ଶେଖରେ ଜଳବାୟୁ ସମ୍ମିଳନୀରେ ଏସିଆ ଏବଂ ପାସିଫିକ୍ ପାଇଁ ଅର୍ଥନୈତିକ ଏବଂ ସାମାଜିକ ଆୟୋଗ (ESCAP) ଫୋରମ୍ ସମାନ ମତ ବାଣ୍ଟିଛି ଯେ ଆଞ୍ଚଳିକ ତଥା ଜାତୀୟ ସ୍ତରର ଅଂଶୀଦାରମାନେ ମିଳିତ ଭାବରେ କାର୍ଯ୍ୟ କରିବାକୁ ଯୋଜନା କରିବା ଉଚିତ୍ ।

ଜୀବାଶ୍ମ ଇନ୍ଧନ’ ନିର୍ଭରଶୀଳତାରୁ ମୁକ୍ତି ପାଇବାକୁ ଅକ୍ଷୟ ଶକ୍ତି କିମ୍ବା ସବୁଜ ଅର୍ଥନୀତି ବିଷୟରେ ଚିନ୍ତା କରିବା ଆବଶ୍ୟକ ରହିଛି । ପବନ କିମ୍ବା ସୂର୍ଯ୍ୟ କିରଣ ପରି ପ୍ରାକୃତିକ ଶକ୍ତିରୁ ଉତ୍ପନ୍ନ ବିକଳ୍ପ ବିଦ୍ୟୁତ୍ ପାଇଁ ‘ଗ୍ରୀଡ୍ ଭିତ୍ତିଭୂମି’ର ଉନ୍ନତି ପାଇଁ ନିଷ୍ପତ୍ତି ନିଆଯାଇଛି । କପ-୨୭ (COP 27) ସମ୍ମିଳନୀ ବିଭିନ୍ନ ଦେଶ ଦ୍ୱାରା ଆନ୍ତଃ ରାଜ୍ୟ ଗ୍ରୀଡ୍ ର ବିକାଶ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛି । ‘ପାୱାର୍ ସିଷ୍ଟମ୍ କନେକ୍ଟିଭିଟି ଉପରେ ଆଞ୍ଚଳିକ ରୋଡ୍ ମ୍ୟାପ୍’ ଏକ ପ୍ଲାଟଫର୍ମ ସୃଷ୍ଟି କରିପାରିବ ଯେଉଁଠାରେ ଗୋଷ୍ଠୀର ଦୁଇ ସଦସ୍ୟ ଦେଶ ପରସ୍ପର ସହ ସଂଯୁକ୍ତ ସବୁଜ ଗ୍ରୀଡ୍ ବ୍ୟବହାର କରିପାରିବେ । ଯାହା ଏକ ’ସବୁଜ ଅର୍ଥନୀତି’ ନିର୍ମାଣରେ ସହାୟକ ହେବ ।


ଅଧକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ - ୪
ମୋ : ୯୦୪୦୧୫୧୪୭୫




# ନବବର୍ଷର ଶୁଭେଚ୍ଛା ଏବଂ ଅଭିନନ୍ଦନ

**ସୁବ୍ରତ କର**

ମୋର ଲେଖାକୁ ଭଲ ପାଉଥିବା ପାଠକ, ପାଠିକାଙ୍କୁ ଏବଂ ଭଲ ନ ପାଉଥିବା ମାନଙ୍କୁ ମଧ୍ୟ କାରଣ କାଳେ କିଛି ଦିନ ପରେ ମତ ବଦଳେଇବେ । ଆମେ ଆମର ନିଜର ନବ ବର୍ଷକୁ ପାସୋରି ଯାଇଛୁ, ବଦଳରେ ଇଂରେଜମାନେ ଛାଡ଼ି ଯାଇଥିବା ସଂସ୍କୃତିକୁ ଅତି ଆପଣାର କରି ଆମେରିକା, ଇଉରୋପ ଦେଶ ମହାଦେଶ ସହିତ ନିଜକୁ ସାମିଲ କରି ଖୁସି ବନେଇବାରେ ବ୍ୟସ୍ତ । ଠିକ୍ ଅଛି, ସବୁ ଧର୍ମ ଏବଂ ପରମ୍ପରାକୁ ମାନିବା ଦରକାର ସମ୍ମାନର ସହିତ । ଡିସେମ୍ବର ପଚିଶ ଏବଂ ଜାନୁଆରୀ ଏକ ଦାରିଖ (ନୂଆବର୍ଷ) ଏବେ ଆମର ପରମ୍ପରା ହୋଇଯାଇଛି । ସମସ୍ତେ ଅନେଇଥାଇ ନୂଆବର୍ଷକୁ ଏବଂ ଏହି ଦିନଟିକୁ କେମିତି ଏବଂ କେତେ ସୁନ୍ଦର ଭାବରେ ପାଳିବା ଏହାର ବ୍ୟବସ୍ଥା ଅନ୍ତତ ମାସେ ଆଗରେ ଠିକ୍ କରିବାକୁ ପଡ଼ିଥାଏ । ଏହି ଜୀବନଟିରେ ଦୁଇଟି କାର୍ଯ୍ୟ ଆମ୍ଭେମାନେ ନିହାତି କରଥାଉ । ଗୋଟାଏ ହେଲା ସକାଳ ହେଲେ କ୍ଷମତା ଏବଂ ଯେଉଁ ଲୋକଙ୍କୁ ଭେଟି ଦେବା ସେହି ମୁତାବକ୍ ଫୁଲ ତୋଡ଼ାଟି ହେବା ଦରକାର ଏବଂ ଦରକାର ପଡ଼ିଲେ ଭଲ ଗିଫ୍‌ଟ ଦେବାକୁ ମଧ୍ୟ ଭୁଲି ନଥାଉ । ଏଇଟା ନିଶ୍ଚିତ ନୂଆବର୍ଷ ପ୍ରତ୍ୟେକଙ୍କ ପାଇ ନୂଆ ଆଶା ନେଇ ଆସିଥାଏ । ଅନେକ ଭାବନ୍ତି ଗତବର୍ଷ ତାଙ୍କ ପାଇଁ ଭଲ କଟିଲା ନାହିଁ, କାଳେ ନୂଆବର୍ଷ କିଛି ନୂଆ ଖବର ବା ନୂଆ ସଂକେତ ନେଇ ଆସିଥିବ । ଯେଉଁ ଇଚ୍ଛା ଗୁଡ଼ିକ ଠିକ ଭାବରେ ବା ମନ ମୁତାବକ୍ ପୂରଣ ହୋଇପାରିଲା କାଳେ ଏବର୍ଷ ହେବ । ଏହାକୁ ପୂରଣ କରିବା ବହୁତ ଲୋକେ ମନ୍ଦିର ମନ୍ଦିର ବୁଲନ୍ତି, ପୂଜା ଅର୍ଚ୍ଚନା କରନ୍ତି ଏବଂ ତା ସହିତ ଦାନ ଧର୍ମ ମଧ୍ୟ କରିଥାଆନ୍ତି । ଏ ସବୁ ଠିକ୍ ଅଛି କିନ୍ତୁ ମୋର ମନେ ହୁଏ ଆମେ ଗୋଟାଏ ଜିନିଷ ଠିକ୍ କରୁନାହିଁ । ଏହାକୁ ନିହାତି ବଦଳାଇବା ଦରକାର । ଏହା ହେଲା, ମୁଁ ନିଜେ ସେ ଦିନ ବହୁତ ଘର, ବ୍ଲକ୍ ଏବଂ ସରକାର ଅଫିସ ବୁଲିଥିଲି । ସମସ୍ତଙ୍କ ଠାରେ ଗଦାଗଦା ଦାମି ଦାମି ଫୁଲତୋଡ଼ା । ଜଣେ ଜଣେ ସରକାରୀ ଉପରସ୍ଥ ଅଫିସରଙ୍କ ପାଖରେ ଶହଶହ ଫୁଲତୋଡ଼ା ଟେବଲ ଉପରେ ଥୋଆ ହୋଇଥାଏ । ମୁଁ ଚିନ୍ତା କରିଲି ସାରା ଜିଲ୍ଲାରେ ଏମିତି କେତେ ଫୁଲତୋଡ଼ା ଆଦାନ ପ୍ରଦାନ ହୋଇଥିବା ଏବଂ ଏହାର ମୂଲ୍ୟାୟନ କହିଲେ ମୁଁ ଭାବୁଛି ପ୍ରାୟ ଏକ କୋଟି ଟଙ୍କାରୁ ବେଶି ହେବ । ଏହା ବଦଳରେ ଆମେ ଯଦି ଛୋଟ ଛୋଟ ମାମଲାରେ ଚାର ଗଛଟିଏ (ଫୁଲ ହୋଇପାରେ ବା ଫଳ) ଦେବା ତେବେ ଭଦ୍ରଲୋକ ସେହି ଗଛଟିକୁ ସୁନ୍ଦର ଭାବରେ ବଢ଼େଇ ଫୁଲ ଫୁଟାଇ ଘରକୁ ସଜାଇ ପାରନ୍ତା । କିନ୍ତୁ ଟେବୁଲ ଉପରେ ଥୋଆ ହୋଇଥିବା ଫୁଲତୋଡ଼ା ଗୁଡ଼ିକ ଶୁଖି ହୋଇ ଶେଷରେ ଆବର୍ଜନାରେ ପରିଣତ ହେବ ଏବଂ ଶେଷରେ ଫୋପଡ଼ା ହୋଇ ମାଟି ମିଶିଯିବ । ଦେଖିବା ଆସନ୍ତା ବର୍ଷକୁ ।




## ଦେଇଛୁ ଆଲୋକ ମୋତେ

**ରଶ୍ମିତା ସେଠୀ**

ଦୁଃଖର ଅନ୍ଧାରେ ଦୀପ ପରି ଜଳି
ଦେଇଛୁ ଆଲୋକ ମୋତେ
ମୋଲାଗି ମାଆଲୋ ଜୀବନଟା
ସାରା
ସହିଛୁ କଷଣ କେତେ ।

ଲୁହ ପିଇ ଓଠେ ଦେଇଛୁ ତୁ ହସ
ପୁରା କରିଛୁ ମୋ ଅଳି
ଗୀତ ଗାଇ କୋଳେ ଶୁଆଇ ଦେଇଛୁ
ରାତି ରାତି ନିଦ ଭୁଲି ।

ଝରାଇ ଦେଇଛୁ ଦେହରୁ ରକତ
ମଣିଷ କରିଛୁ ମୋତେ
ତୋଲାଗି ମାଆଲୋ ଏଇ ଦୁନିଆରେ
ଠିଆ ମୁଁ ହୋଇଛି ସତେ ।

ମାଆଲୋତୁ ମାଟି ମାଆତୁ ଆକାଶ
କିଏ ହେବ ତୋର ତୁଲ
କେ ଦେଇ ପାରିବ ତୋ ସ୍ନେହ
ଶରଧା
ତ୍ୟାଗ ମମତାର ମୂଲ ।

ହଳଦୀପଦା, କଲ୍ୟାଣପୁର
ଖୋର୍ଦ୍ଧା

## ଲେଖକ ଓ ପାଠକ

**ବିଷ୍ଣୁ ପ୍ରସାଦ ଦାସ**

କଲମ ଚାଲୁଛି କାଗଜ ଉପରେ
ରହୁନାହିଁ କିଛି ବାକି,
ଲେଖକ ମୁଁ, ଲେଖି ଚାଲୁଥିବି
ନ’ ପଡିବି କେବେ ଥକି,

କଳ୍ପନାକୁ ନେଇ ସଭିଏଁ ବ୍ୟସ୍ତ,
ବାସ୍ତବତାକୁ ଭୁଲିଯାଇ
ସପନକୁ ଆଜି ରଙ୍ଗେଇ ଦିଅନ୍ତି
ଇନ୍ଦ୍ରଧନୁର ରଙ୍ଗ ନେଇ,

ଲେଖକ, ପାଠକ ଅନୁଭବ କରନ୍ତି
ଦୁହେଁ ଦୁହିଁଙ୍କ ହୃଦୟ କଥା
ହସ, କାନ୍ଦ ଭରା ସଂସାର ଭିତରେ
ଭୁଲି ଯେତେ ସବୁ ବ୍ୟଥା,

କଲମ ହସାଏ, କଲମ କାନ୍ଦାଏ,
ପାଠକର ମନ ନିଏ କିଣି
ଲେଖକ ଲେଖେ, ସମାଜର ଯେତେ
ଭଲ ମନ୍ଦକୁ ବଖାଣି,

ଯୁଗ ବଦଳୁଛି, ମନ ବଦଳୁଛି,
ବଦଳୁଛି ଆମ ଚିନ୍ତା ଧାରା
ପୁରୁଣା ଲେଖା, ପୁରୁଣା ପାଠ
ଖୋଜୁଛି ଆଜି ତୁମ ସାହାରା,

ଆଜିର ଯୁଗରେ ଖାତା କଲମକୁ
ପିଲାଏ ଗଲେଣି ଭୁଲି
ଇଣ୍ଟରନେଟ ଯୁଗ ମୋବାଇଲ ଧରି
କରନ୍ତି ଅଯଥା ଗୁଲି,

ଫେସବୁକ, ୟୁ ଟ୍ୟୁବ,
ୱାଟ୍ସଅପ ଦେଉଛି ତାଙ୍କୁ ସବୁ ବାରତା
ସେଇଠି ନଜର ଆମ ପିଲାଙ୍କର
ଭୁଲି ସମାଜର ଶାଳୀନତା,

ମୋବାଇଲ ଛାଡି ଖବର କାଗଜ
ପଢିବେ ବା କାହାପାଇଁ ?
ସାରସ୍ୱତ ଚର୍ଚ୍ଚା କରିବାକୁ
ସେମାନେ ସମୟ ପାଆନ୍ତି ନାହିଁ,

ଆଜି ଲେଖକ ମରୁଛି, ପ୍ରକାଶକ ହାରୁଛି,
ବଂଚିବାକୁ ନାହିଁ ବାଟ
ସମାଜକୁ ଯେତେ ଭେଳିକି ଦେଖାଇ
ମୋବାଇଲ ଲଗାଏ ନାଟ,

ଯେତିକି ଭଲ, ସେତିକି ଖରାପ
ଏକଥା ତ’ ସଭିଏଁ ଜାଣିଛ
ତେବେବି, ପରିବାର ସାରା
ପାଗଳ ପରି କାହିଁକି ହେଉଛ ?

ପୁସ୍ତକ ପଢ଼, ସାରସ୍ୱତ ସାଧନା କର,
ବଞ୍ଚାଅ ନିଜ ସଂସ୍କୃତି
ଅନୁରୋଧ କରେ, ପୁସ୍ତକକୁ ଆଦରି ନିଅ
ପାଇବ ଅନେକ ତୃପ୍ତି ।

ବରିଷ୍ଠ ନାଗରିକ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭

## ନାରୀ

**କନ୍ଦର୍ପ ବେହେରା**

ମୁଁ କେବେ ଭାବି ନ ଥିଲି
ତୁମେ ମୋତେ
ବିଶ୍ୱାସରେ ବିଷ ଦେବ ବୋଲି,

ମୁଁ ସରଳ ବିଶ୍ୱାସୀ
ନାରୀଟିଏ ବୋଲି
ତୁମକୁ ଜୀବନ ଭରି ଭଲ ପାଏ
ଭ୍ରମର ଫୁଲକୁ ଯେମିତି ।

ନାରୀଟି ବେଳେ ବେଳେ
ଲକ୍ଷ୍ମୀ ସାଜିଥାଏ,
ପୁଣି କେବେ ଦୁର୍ଗା ସାଜେ
ଶତ୍ରୁକୁ ସଂହାର କରେ
ନିମିଷକ ମଧ୍ୟରେ
ବିଜୟର ଟିକା
ମାଖେ ମଥାରେ ।

କବି କୁଟୀର, ସା/ପୋ -ଡଇଁଚା,
ଭାୟା-ରେଢ଼ାଖୋଲ, ଜି-
ସମ୍ବଲପୁର, ପିନ୍ ୭୬୮୧୦୬,
ମୋ : ୭୦୭୭୫୭୯୩୧୭

## ପ୍ରେୟସୀ ପ୍ରିୟା ଗୋ !

**ଧ୍ରୁବ ଚରଣ ଘିବେଲା**

ଦୂର ରାଇଜର ପ୍ରେୟସୀ ପ୍ରିୟା ଗୋ
ତୁମ ପାଇଁ ଆଜି ମୋଅଠି ଲାଗୁଚି
ନିତି କବିତା କାଳିସୀ
କବିତା ସୁନ୍ଦରୀ ପିନ୍ଧି ଶବ୍ଦ ଶାଢ଼ୀ
(ମୋ)କଲମୁ ପଡୁଛି ଖସି ।

କେଉଁ ଦୂର ଦେଶ ପ୍ରିୟା ଗାଆଁ
ମୋର
ଜଣା ନାଇଁ ସିନା ଠିକଣା ତାଆର
କଅଁଳ ବୟସୀ ସିଏ
ସିଏ ନିଜେ ଗୋଟେ କବିତାର ଘର
କବିତା କୋଣାର୍କ ପ୍ରାୟେ ।

ମନ ମଗଜରୁ ଭାବନା ପେଡ଼ିରୁ
ଶବ୍ଦ ଖସି ଆସେ ସାଇତା ସ୍ୱପ୍ନରୁ
ତିଆରେ କବିତା ଘର
କବିତା ଘରକୁ ସଜାଏ ଶବ୍ଦରେ
ଯେମିତି ସେ ଆପଣାର ।

ଦେବା ପାଇଁ ଭେଟି କବିତାର ପଂକ୍ତି
କସରତ କରେ ଲେଖିବାକୁ କିଛି
ନେଲେ ନେବ ଗୀତ ସାଉଁଟି
ଖୁସି ହେବି ଯଦି ରଖିବ ଉତ୍ତର
କବିତାରେ ଲେଖି ଚିଠି ।

ଡାକ - ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ: ୯୪୩୭୪୭୮୪୬୬

# ଝାଉଁଳା ତୁଳସୀ



ଜଗମୋହନ ପ୍ରଧାନ



ତୁଳସୀ ଆଲୋ ହେ ତୁଳସୀ.. ଉଠିଲୁ ନା.. ନାହିଁ ମ ! କାଉଟା ଚାଳ ଉପରେ ରାବ ଦେଲାଣି ସକାଳ ହେଲାଣି ପରା, ଦାଣ୍ଡ ଦୁଆର ଝାଡୁ ମାରିଲୁଣି କି ନାହିଁ.. ଚୁଲିଟାକୁ ଗୋବର ପାଣିରେ ଲିପି ନାଲି ଚା କରି ଟିକେ ଆଣେ ।

ନେ ବୁଢ଼ୀ ନାଲି ଚା ପିଇ, ମୁଁ ଯାଉଛି ଗାଧୋଇ କି ଠାକୁର ପୂଜା କରିବି। ଯା ଲୋ ତୁଳସୀ ଯା ଠାକୁର ଯଦି କୃପା କରନ୍ତି ତୋ ଅଲକ୍ଷଣୀ ଭାଗ୍ୟଟା ସୁଲକ୍ଷଣୀରେ ବଦଳିଯିବ।

ତୁଳସୀ ପାଇଁ ଏ ସବୁ ନୂଆ ନଥିଲା । ଏ ସବୁ ଛୋଟ ବେଳରୁ ଶୁଣି ଆସୁଥିଲା। କାରଣ ତୁଳସୀ ଅମାବାସ୍ୟାରେ ଜନ୍ମ ହୋଇଥିଲା । ତାକୁ ଉଁଆସ କନ୍ୟା ବୋଲି କହୁଥିଲେ। ତା ଜନ୍ମର କିଛି ଦିନ ପରେ ତା ମା ବାପା ଆରପାରିକୁ ଚାଲି ଯାଇଥିଲେ । ତାକୁ ଲୋକ ଅଲକ୍ଷଣୀ ବୋଲି କହୁଥିଲେ । ମା ବାପା ଖାଇଲୁ, ଘଇତାକୁ ଖାଇବୁ ଏମିତି ଅନେକ କିଛି। ଏ ସବୁ ତୁଳସୀ ସହି ଯାଏ କାହା କଥାକୁ ତୁଳସୀ ଧ୍ୟାନ ଦିଏନି । ତୁଳସୀ ଗାଁ ରେ ଅନ୍ୟ ଲୋକଙ୍କ ଘରେ କମ କରେ, ଯେମିତି ରୋଷେଇ କରିବା ତାଙ୍କର ଠାକୁର ପୂଜା କରିବା ଏମିତି କିଛି । ସେମାନଙ୍କ ଘରୁ ଯାହା ତାକୁ ମିଳେ ସେଥିରେ ବୁଢ଼ୀମା ନାତୁଣୀ ଦୁହେଁ ଚଳି ଯାଆନ୍ତି।

ସେ ଦିନ ଗାଁ ମୁଣ୍ଡରେ ଥିବା ମନ୍ଦିର ପାଖରେ ମେଳା ଲାଗିଥାଏ । ତୁଳସୀ ସେ ମେଳାକୁ ଯାଇଥାଏ । ସେଠି ଗୋଟେ ସହରି ପୁଅ ତାକୁ ଦେଖି ପସନ୍ଦ କଲା । ତାକୁ ବାହା ହବା ପାଇଁ ସ୍ଥିର କଲା। କାରଣ ତୁଳସୀ ଥିଲା ବହୁତ ସୁନ୍ଦର । ଚେହେରା ତାର ପଦ୍ମ ଫୁଲ ପରି ରୂପରେ ଯେମିତି ଗୁଣରେ ବି ସେମିତି ସ୍ୱର୍ଗର ମେନକା ଉର୍ବଶୀ ବି ତା ଆଗରେ ମଳିନ ପଡ଼ିବେ । ହଁ ବେଶି ପାଠ ପଢ଼ିନାହିଁ । କିନ୍ତୁ ତା ପରି ସେ ଗାଁ ରେ କେହି ନଥିଲେ । କିନ୍ତୁ ସେ ଗାଁ ଲୋକେ ତାକୁ ଉଁଆସୀ କନ୍ୟା ବୋଲି କହି ବାହା ହବାକୁ କେହି ରାଜି ହୁଅନ୍ତି ନାହିଁ।

ତା ପର ଦିନ ସେ ପୁଅ ତାଙ୍କ ଘର ଲୋକଙ୍କୁ ନେଇ ବାହାଘର ପ୍ରସ୍ତାବ ପାଇଁ ତୁଳସୀ ଘରକୁ ଆସିଲା । ଜେଜେ ମା ଜାଣି ବହୁତ ଖୁସି ହେଲା କିଛି ଦିନପରେ ସେ ଦୁଇ ଜଣଙ୍କର ବାହାଘର ହେଲା। ପୁଅ ଘର ବାଲା ବହୁତ ଧନୀ ଥିଲେ । ବାଟି ବାଟି ସମ୍ପତ୍ତି ଧନଦଉଲତରେ କିଛି ଊଣା ନଥିଲା ତୁଳସୀ ବି ବହୁତ ଖୁସି ଥିଲା ଯେମିତି ତା ଭାଗ୍ୟ ବଦଳିଲା ପରି ଲାଗୁଥିଲା ତା ଶାଶୁ ଘର ଲୋକ ବି ବହୁତ ଭଲ ଥିଲେ । ତୁଳସୀକୁ ବହୁତ ଭଲ ପାଉଥିଲେ। ହସ ଖୁସିରେ ଦୁଇ ମାସ ବିତିଗଲା ହଠାତ୍ ତା ସ୍ୱାମୀ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଲା । ତୁଳସୀ ଉପରେ ଆଉଥରେ ଦୁଃଖର ଛାୟା ମାଡ଼ି ଆସିଲା ହସୁଥିବା ସଂସାର ଭାଙ୍ଗିଗଲା । ସ୍ୱାମୀର ମୃତ୍ୟୁ ଏକ ବର୍ଷ ପରେ ତା ଶାଶୁ ଘର ତାକୁ ତା ଦିଅର ସହିତ ବାହାଘର କରିଦେଲେ ବାହାଘର କିଛି ଦିନ ପରେ ତା ଦ୍ୱିତୀୟ ସ୍ୱାମୀ ବଡ ରୋଗରେ ଆକ୍ରାନ୍ତ ହେଲା । ମରିବା ବଞ୍ଚିବା ଠିକ୍ ଠିକଣା ନାହିଁ। ସେଇ ଦିନଠାରୁ ତା ଶାଶୁ ତାକୁ ଘୃଣା କଲ ।। ଅଲକ୍ଷଣୀ କହି ଗାଳି ବି ଦେଲେ ବାପା ମାକୁ ଖାଇଲୁ ମୋ ବଡ଼ ପୁଅକୁ ଖାଇଲୁ ପୁଣି ସାନ ପୁଅକୁ ଖାଇବାକୁ ବସିଛୁ । ଏମିତି ଅନେକ କିଛି କଟୁ କଥା କହେ ତୁଳସୀକୁ, ତୁଳସୀ ସବୁ କିଛି ସହିଯାଏ ତା ଭାଗ୍ୟକୁ ଦୋଷ ଦେଇ। ଦିନେ ତୁଳସୀର ଶାଶୁ ଶଶୁର ଚିନ୍ତା କଲେ ଆମର ତ ଏତେ ସମ୍ପତ୍ତି ଏତେ ଧନଦଉଲତ ଅଛି ହେଲେ ଏସବୁର ଉତ୍ତରାଧିକାରୀ କେହି ନାହାନ୍ତି । ବଡ଼ ପୁଅ ମଲା ସାନର ବି ଠିକ୍ ଠିକଣା ନାହିଁ ସେ ବି କେଉଁ ଦିନ ଆରପାରିକୁ ଚାଲି ଯିବ, ଏ ସବୁ ସମ୍ପତ୍ତି କ'ଣ ହବ ନା ଆମ ବଂଶ ନାଶ ହବାକୁ ଦେବାନି । ଏ ବଂଶର ଉତ୍ତରାଧିକାରୀ ପାଇଁ ଗୋଟେ ଉପାୟ ଚିନ୍ତାକଲେ। ତୁଳସୀକୁ ଡକାଗଲା.. ତୁଳସୀ, ତୁଳସୀ ଏଠିକୁ ଆସିଲୁ ।

ହଁ ମା କ'ଣ ହେଲା କୁହନ୍ତୁ...

ଶୁଣୁ ତୁଳସୀ ତୋ ଠାରୁ ଏ ବଂଶର ଉତ୍ତରାଧିକାରୀ ଦରକାର...

କେମିତି ମା ? ତମ ପୁଅଙ୍କ ଦେହ ତ ବହୁତ ଖରାପ । ଏ ଅବସ୍ଥାରେ କେମିତି ...

ଉପାୟ ଅଛି ମୋ ପାଖରେ ତୁଳସୀ ..

କି ଉପାୟ ମା..

ତୋତେ ପ୍ରଥମେ ଭଗବାନଙ୍କ ପାଖରେ ଶପଥ ନବାକୁ ପଡ଼ିବ...

ହଁ ମା, ତମେ ଯାହା କହିବ ମୁଁ ତା କରିବି।

ତୋତେ ତୋ ଶଶୁରଙ୍କ ପାଖରେ ଶୋଇବାକୁ ପଡ଼ିବ...

ନା ମା ନା, ମୁଁ ଏମିତି କରି ପାରିବିନି । ଏ ଅଧର୍ମ କାମ ମୁଁ କରି ପାରିବିନି । ବାପାଙ୍କ ପାଖରେ ମୁଁ ଶୋଇ ପାରିବି ନାହିଁ...

ହଁ ତୋତେ ଏମିତି କରିବାକୁ ପଡ଼ିବ । ଏ ବଂଶ ତୋତେ ରକ୍ଷା ପାଇବାକୁ ପଡ଼ିବ। ତୁଳସୀ ରାଜି ହୋଇନଥିଲା ତଥାପି ତାକୁ ନିଶା ଔଷଧ ଦେଇ ତା ଶଶୁର ପାଖରେ ଶୁଆଇ ଦିଆଯାଉଥିଲା । ଏ କଥା ତୁଳସୀ ଜାଣିପାରୁ ଥିଲା କିନ୍ତୁ ନିରୁପାୟ ଥିଲା ତାକୁ ଘର ବାହାରକୁ ଛଡ଼ା ଯାଉନଥିଲା। କିଛି ଦିନ ପରେ ତୁଳସୀ ଗର୍ଭବତୀ ହେଲା ତା ପେଟରେ ଏ ବଂଶର ଉତ୍ତରାଧିକାରୀ ବଢିଲା ।

କିଛି ଦିନ ପରେ ତା ଦ୍ୱିତୀୟ ସ୍ୱାମୀର ମୃତ୍ୟୁ ହେଲା ।

ତାକୁ ବିଧବା ବେଶରେ ଆଉ ଥରେ ସଜେଇ ଦିଆଗଲା ତା ପେଟରେ ବଢୁଥିବା ସନ୍ତାନ ସାଥିରେ ତାକୁ ବଞ୍ଚିବାକୁ ହେଲା । କିଛି ଦିନପରେ ପୁଅଟିଏ ଜନ୍ମ ନେଲା । ପୁଅ ଜନ୍ମର ପ୍ରାୟ ଛଅ ମାସ ପରେ ତୁଳସୀକୁ ଡାହାଣୀ କହିଲେ ଘରୁ ବାହାର କରି ଦେଲେ ତା' ଶାଶୁ ଘର ଲୋକେ । କହିଲେ ତୁଳସୀ ଡାହାଣୀ ବାପା ମାକୁ ଖାଇଛି ଦିଇ ଦିଇଟା ସ୍ୱାମୀକୁ ଖାଇଛି ଆକୁ ଏ ଘରେ ରଖାଯିବ ନାହିଁ ନହେଲେ ମୋ ନାତିକୁ ଖାଇ ଦବ ଏ ବଂଶ ଲୋପ ପାଇଯିବ ।

ତୁଳସୀ ଆଉଥରେ ଗାଁକୁ ଫେରି ଆସିଲା ତା ବୁଢ଼ୀ ମା ପାଖକୁ । ଗାଁ ଲୋକ ତାକୁ ଦେଖି ଟାହି ଟାପରା କଲେ, ଅଲକ୍ଷଣୀ ଡାହାଣୀ ବୋଲି କହିଲେ। ଭାଗ୍ୟକୁ ଦୋଷ ଦେଇ ବୁଢ଼ୀ ମା ପାଖରେ ରହିଲା ।

ତା ପର ଦିନ ସକାଳ ।

... ତୁଳସୀ, ଆଲୋ ହେ ତୁଳସୀ.. ଉଠିଲୁ ନା ନାହିଁ ମ ! କାଉଟା ଚାଳ ଉପରେ ରାବ ଦେଲାଣି । ସକାଳ ହେଲାଣି ପରା, ଦାଣ୍ଡ ଦୁଆର ଝାଡୁ ମାରିଲୁଣି କି ନାହିଁ.. ଚୁଲିଟାକୁ ଗୋବର ପାଣିରେ ଲିପି ନାଲି ଚା କରି ଟିକେ ଆଣେ ।

ଆଗ ପରି ତୁଳସୀ ଚା ଆଣିଲାନି । ବୁଢ଼ୀ ଆଉ ଟିକେ ବଡ଼ ପାଟିରେ କହିଲା, ଆଲୋ ତୁଳସୀ ହେ ଅଲକ୍ଷଣୀ ତୁଳସୀ.. କ'ଣ ଚୁଲି ପାଖରେ ମରିଗଲୁ କି ?

ତୁଳସୀ ପାଖରୁ କିଛି ଉତ୍ତର ନ ପାଇ ବୁଢ଼ୀ ଚୁଲି ପାଖକୁ ଗଲା ତୁଳସୀକୁ ହଲେଇ ଦେଲା ତୁଳସୀ ଦେହରେ ପ୍ରାଣ ନଥିଲା ବୁଢ଼ୀ ପାଦ ତଳେ ଟଳି ପଡ଼ିଲା ନୀରବ ନିଶ୍ଚଳ ହୋଇ ସବୁଦିନ ପାଇଁ । ତୁଳସୀ ଆଉ ସେ ତୁଳସୀ ହୋଇ ନଥିଲା ଝାଉଁଳା ତୁଳସୀ ହୋଇ ସବୁ ଦିନ ପାଇଁ ଝଡ଼ି ପଡ଼ିଥିଲା।

+ଶକୁନ୍ତଳାପୁର, ଯାଜପୁର, ମୋ: ୯୦୯୦୯୪୬୯୦୬

# ଜାତି, ଜାତକ ଯୌତୁକ



ପୁଷ୍ପଲତା ମିଶ୍ର



ଆଜି ଅଫିସରୁ ଫେରିବା ବାଟରେ ଅବିନାଶ ସହ ଦେଖା ହୋଇଗଲା, କିଛି ଦିନ ତଳେ ଦୀପକ ସହ ଦେଖା ହେଇଥିଲା ସେ କହୁଥିଲା - ଅବିନାଶ ନିଜ ଇଚ୍ଛାରେ ବିବାହ କରିଛି ବୋଲି।

ତା ବାପା ତାକୁ ତେଜ୍ୟ ପୁତ୍ର କରି ଦେଇଛନ୍ତି। ଯାହା ହେଉ ଆଜି ତାହା ସହ ଦେଖା ହୋଇଗଲା, ସାଙ୍ଗ ହୋଇ ଦୁଇ ଜଣ ଗୋଟିଏ ପାର୍କରେ ବସିଲୁ, ମୁଁ ଅବିନାଶକୁ ପଚାରିଲି ମଉସା କଣ ପାଇଁ ତୋତେ ତେଜ୍ୟ ପୁତ୍ର କରିଛନ୍ତି ? ମୋ କଥା ବୋଧେ ତା ମନରେ ଆଘାତ ଦେଲା, ତାର ଉଦାସ ମୁହଁରୁ ବୁଝି ପାରୁଥିଲି ଏମିତି ପ୍ରଶ୍ନ ନ ପଚାରିଥିଲେ ଭଲ ହେଇଥାନ୍ତା । ଅବିନାଶ କହିଲା - ସମ୍ବିତ, ହାଇ ସ୍କୁଲରେ ଆମ ସହ ଆଦିତ୍ୟ ମହାନ୍ତି ବୋଲି ଜଣେ ପିଲା ପଢୁଥିଲା ତୋର ମନେ ଅଛି ? ହଁ ମନେ ଅଛି ତା ଖବର କିଛି ରଖିନି। ହଁରେ ସେଇ ଆଦିତ୍ୟ ମହାନ୍ତି ବାଙ୍ଗାଲୋରରେ ଇଞ୍ଜିନିୟରିଂ ପଢୁଥିଲା, ସେ ଆମ ଅଫିସରେ ଇଂଜିନିୟର ଅଛି। ତାର ବାହାଘରକୁ ମତେ ବରଯାତ୍ରୀ ଡାକିଥିଲା, ବର ଯାତ୍ରୀ ମାନେ ଖାଇବା ପରେ ବିଭାଘର ଆରମ୍ଭ ହେବାକୁ ଯାଉଛି,ଏତିକି ବେଳେ ଆଦିତ୍ୟର ବାପା ହରି ମଉସା ଦାବି କରି ବସିଲେ ପଚାଶ ହଜାର ଟଙ୍କା ଓ ରେଫ୍ରିଜେଟର ଦେଲେ ବାହାଘର ଆରମ୍ଭ ହେବ । ମଧ୍ୟବିତ୍ତ ପରିବାର ତାଙ୍କର ଯାହା କିଛି ଜମି ବାଡି ଥିଲା ସେଥିରୁ ଅଧିକାଂଶ ବିକ୍ରି କରି ବର ପିତାଙ୍କର ଦାବି ପୂରଣ କରିଥିଲେ ।

ଅସୁବିଧା ଯୋଗୁ ଏହି ସବୁ ପରେ ଦେବେ ବୋଲି କଥା ଦେଇଥିଲେ, ହରି ମଉସାଙ୍କର ଏକା ଜିଦ୍ ଏ ସବୁ ଜିନିଷ ନ ହେଲେ ବାହାଘର ବନ୍ଦ ବର ଫେରିଯା, ଯିଏ ଯେତେ ବୁଝେଇଲେ ମଧ ସେ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ।

ଶେଷରେ ମୁଁ ଯାଇ ଆଦିତ୍ୟକୁ ବୁଝାଇଲି, ଆରେ ଆମେ ପରା କଲେଜ ରେ ପଢିବା ବେଳେ ଶପଥ କରି ଥିଲେ ବିନା ଯୌତୁକ ରେ ବିବାହ କରିବାକୁ, ତୁମର କଣ ଅଭାବ ଅଛି ଯେ ଏହି ସାମାନ୍ୟ ଜିନିଷ ପାଇଁ ବାହାଘର ବନ୍ଦ କରିଦେଉଛନ୍ତି, ତୁ ମଉସାଙ୍କୁ ବୁଝା ବାହାଘର ଆରମ୍ଭ ହେଉ । 'ସେ ମୋ କଥାର ଉତ୍ତର ଦେଲାନି।

ଏଣେ ବିଭା ଘରର ମଙ୍ଗଳ ସାହାନାଇ ବାଜିବା ବନ୍ଦ ହୋଇଯାଇଥିଲା, ଖାଲି ଶୁଭୁଥିଲା କ୍ରନ୍ଦନର ଧ୍ୱନି। କନ୍ୟା ପିତା କାକୁତି ମିନତି ହୋଇ କହୁଥାନ୍ତି ମତେ ଦୁଇ ମାସ ସମୟ ଦିଅନ୍ତୁ

ସମୁଦୀ ଆପଣଙ୍କ ଦାବି ମୁତାବକ ସମସ୍ତ ଜିନିଷ ଦେଇ ଦେବି ଦୟା କର ମୋ ପ୍ରତି ବରକୁ ଫେରାଇ ନିଅନ୍ତୁ ନାହିଁ। ମଙ୍ଗୁଳା କନ୍ୟା ମୋର କିଏ ଆଉ ତାକୁ ବିଭା ହବ ? କନ୍ୟା ପିତାଙ୍କ କାକୁତି ମିନତି ମଉସାଙ୍କ ଉପରେ କିଛି ପ୍ରଭାବ ପକାଇ ପାରିଲାନି।

ଆଦିତ୍ୟ ଓ ବର ଯାତ୍ରୀ ମାନଙ୍କ ସହ ଫେରି ଆସିଲେ। ହରି ମଉସାଙ୍କ ପାଖରେ ଠିଆ ହୋଇ ଏ ସବୁ ଦୃଶ୍ୟଦେଖିଥିଲି, ମଣିଷ ର ସହିବା ର ଗୋଟିଏ ସୀମା ଅଛି, । ମୁଁ ଆଉ ସହି ପାରିଲିନାହିଁ ଯଦି ତାଙ୍କର କିଛି ଆପତ୍ତି ନଥାଏ ମୁଁ ବିବାହ କରିବାକୁ ପ୍ରସ୍ତୁତ ଅଛି, ସେମାନେ ମୋ ବାପାଙ୍କୁ ଚିହ୍ନିଥିଲେ ତେଣୁ ମୋ ପ୍ରସ୍ତାବ ରେ ରାଜି ହେଉ ନ ଥିଲେ କାରଣ - ମୁଁ ଥିଲି ବ୍ରାହ୍ମଣ , ସେ ଥିଲେ ଖଣ୍ଡାୟତ ଘରର, ବାପା ସବୁବେଳେ ବିଭିନ୍ନ ସଭା ସମିତି ରେ ଜାତିଆଣ ଭେଦ ଭାବ, ଯୌତୁକ ପ୍ରଥା ବିରୁଦ୍ଧରେ ଭାଷଣ ଦେଉଥିଲେ। ତେଣୁ ମୁଁ ଭାବିଥିଲି ଏମିତି ଏକ ଆଦର୍ଶ କାମରେ ବାପା ଖୁସି ହେବେ ନିଶ୍ଚୟ,ହେଲେ ବାପାଙ୍କର ସେ ଭାଷଣ କେବଳ ଲୋକ ଦେଖାଣିଆ ବୋଲି ମୁଁ ସେତେବେଳେ ଜାଣିଲି ଯେତେବେଳେ ସୁଜାତା ସହ ମୋତେ ଦେଖି ବାପା ଗର୍ଜି ଉଠିଲେ କୁଳାଙ୍ଗାର ! ଦୂର ହେଇଯାଆ ମୋ ସାମ୍ନାରୁ ଯିଏ ଜାତି ଧର୍ମ ହରାଇ ଗୋଟେ ଛୋଟ ଜାତିର ଝିଅକୁ ବିବାହ କରିଛି ତା ପାଇଁ ଏ ଘରେ ସ୍ଥାନ ନାହିଁ, ତୋତେ ଆଜିଠାରୁ ତେଜ୍ୟ ପୁତ୍ର କଲି।

ସୁଜାତାକୁ ଧରି ଚାଲି ଆସିଲି ସେଇଦିନ ଠାରୁ ଭଡ଼ା ଘରେ ରହୁଛି।

ଆଛା ସମ୍ବିତ! ଏହି ଜାତି ଧର୍ମ ଏ ସବୁ କଣ ଭଗବାନ ସୃଷ୍ଟି କରିଥିଲେ ? ନା ଏ ସ୍ୱାର୍ଥପର ମଣିଷ ନିଜର ସ୍ୱାର୍ଥ ପାଇଁ ଏ ସବୁ ସୃଷ୍ଟି କରିଛି ? ଆମର ତ ଗୋଟିଏ ପରିଚୟ ଆମେ ମଣିଷ ।

ମଣିଷ, ମଣିଷ ଭିତରେ ପୁଣି ଜାତି ଧର୍ମ, ଛୁଆଁ ଅଛୁଆଁ ଭେଦଭାବ ଆସିଲା କୋଉଠୁ ? ଅବିନାଶ ପଚାରି ଥିବା ପ୍ରଶ୍ନର ଉତ୍ତର ଖୋଜି ପାଉ ନ ଥିଲି । ମୁଁ ପଚାରିଲି ବାପା ମାଆ, ବନ୍ଧୁ ବାନ୍ଧବ ସମସ୍ତଙ୍କ ସହ ଅପ୍ରିୟ ହୋଇ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଏପରି ଆଦର୍ଶ କାମ କରି ତୋତେ କଣ ଲାଭ ମିଳିଲା ? କୌଣସି ଆଦର୍ଶ କାମ କଲା ବେଳେ କେହି କେବେ ଲାଭ କ୍ଷତିର ହିସାବ କରେନି ସମ୍ବିତ ! ଆଉ ସମାଜ ରେ ଚଳି ଆସୁ ଥିବାକୁ ସଂସ୍କାର - ଜାତି ପ୍ରଥା, ଛୁଆଁ ଅଛୁଆଁ, ଯୌତୁକ ପ୍ରଥା ସବୁକୁ ଦୂର କରିବାକୁ ହେଲେ ପ୍ରଥମେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିବ । ଆତ୍ମୀୟ ପ୍ରିୟ ଜନ ମାନଙ୍କର ଅପ୍ରିୟ ହେବାକୁ ପଡ଼ିବ, ଏ ସବୁକୁ ଯଦି ଆମ ଯୁବ ସମାଜ ଡରିଯିବ ତେବେ ସମାଜରୁ ଏହିକୁ ପ୍ରଥାକୁ ଦୂର କରିବାକୁ ନେତୃତ୍ୱ ନେବ କିଏ ?

ମୋ ବାପା ମତେ ତେଜ୍ୟ ପୁତ୍ର କରିଦେଇଛନ୍ତି, ତା ବୋଲି କଣ ବାପା ମାଆଙ୍କ ସହ ସବୁ ସମ୍ପର୍କ ତୁଟି ଯାଇଛି ?

ଷ୍ଟାମ୍ପ ପେପର୍ ଉପରେ ଲେଖା ଥିବା କେଇଟା ଶବ୍ଦ ଉପରେ ମାଜିଷ୍ଟ୍ରେଟଙ୍କର ଦସ୍ତଖତ ଆଉ ଅଦାଲତର ମୋହର ଲାଗିଗଲେ ରକ୍ତର ସମ୍ପର୍କ ତୁଟି ଯାଇପାରୁ ଥାଆନ୍ତା, ତେବେ ସମ୍ପର୍କର ମାନେ କିଛି ହୁଅନ୍ତାନି ସମ୍ବିତ !! ଅବିନାଶ ବୋଧେ ଆଉ କିଛି କହିଥାନ୍ତି ହେଲେ ପାର୍କର ଜଗୁଆଳି ଆସି କହିଲା ଗେଟ ବନ୍ଦ ହେବା ସମୟ ହୋଇଗଲାଣି ବାବୁ । ଅବିନାଶଠୁ ବିଦାୟ ନେଇ ଘରକୁ ଫେରିବା ବେଳେ ଭାବୁ ଥିଲି ସତରେ ଏ ଦିଗହରା ଯୁବ ସମାଜ ପାଇଁ ଅବିନାଶ ପରି ଯୁବକ ଗୋଟିଏ ଗୋଟିଏ ଆଲୋକ ବର୍ତ୍ତିକା !!!

+ଭୁବନେଶ୍ୱର
ମୋ: ୯୩୩୮୨୯୪୬୫୭

# ନୂଆବର୍ଷ : ଚାରୋଟି ସ୍କେଚ

ରତ୍ନକାନ୍ତି ମିଶ୍ର





॥ ୧ ॥

ଡାହାଳ ଛୁଆଗୁଡା ଏମିତି କାହିଁ ହଉଛରେ ! ମାଲିକାଣୀ ଘର ତମମାନଙ୍କ ପାଇଁ ଆଉ କଣ ହାଣ୍ଡିଏ ମାଂସ ତରକାରୀ ଦେଇ ଥାଆନ୍ତେ ! ନୂଆବର୍ଷ ପାଇଁ ମୋତେ ସେତକ ଦେଇଥିଲେ । ନିଜେ ନଖାଇ ମୁଁ ନେଇ ଆସିଛି। ବାପଟା ପାଇଁ ଟିକିଏ ରଖୁନ ! ଦିନ ରାତି ତମରି ପାଇଁ ତ ଖଟୁଛି । ତା' ପାଟିରେ ବି ମାଉଁସ ଝୋଳ ଟିକିଏ ବାଜୁ ।

ଛୁଆ ଦିଟା ଶୋଇ ପଡିଲେଣି। ଆଖି ଲାଗିଯାଇଥିଲା ବି ଛବିର। ରିକ୍ସାର ଘଣ୍ଟି ଶବ୍ଦ ଆଜି ପରା ଶୁଣି ପାରିଲା ନାହିଁ। ଶିବାର ଗୋଇଠାରେ ତରକି ଚାହିଁଲା ଛବି। ହେଲେ ଏସବୁ ଦେହସୁହା ଘଟଣା ତା' ପାଇଁ । ଚୁପଚାପ୍ ଯାଇ ରୁଟି, ମାଂସ ଝୋଳ ବାଢି ଥୋଇଦେଲା । 'ପରଘର ଅଇଁଠା ଆଣି ଏତିକି ମୋତେ ଦଉଛୁ !' ଶିବା ମାଂସ ତାଟିଆକୁ ଧରି ଛାଟିଦେଲା ଛବି ଉପରକୁ । ନିଜ ପାଇଁ ରଖିଥିବା ସାଧା ତରକାରୀ ଆଣି ଆଉ ଥରେ ବାଢିଦେଲା ଶିବା ପାଇଁ। ଅସନା ଲୁଗା ବଦଳାଇ ଆସିଲା ବେଳକୁ ଛବି କାନରେ ବାଜିଲା ବାହାରେ କେଉଁଠି ବାଣ ଫୁଟାଇବାର ଶବ୍ଦ..!! ଶିବା ପାଟିର ଭଣଭଣିଆ ଗନ୍ଧ ଆଘ୍ରାଣ କରି, ପଛ କଥା ଭୁଲି ଛବି ନୂଆବର୍ଷର ଖୁସି ମନଉଥିଲା ଟିକିଏ ପରେ।

॥ ୨ ॥

ମଧୁ, ସେ ପିଲାମାନଙ୍କୁ କହରେ ସାଉଣ୍ଡ ଟିକିଏ କମ୍ କରିବେ ! ଏମିତି ତ ନିଦ ଔଷଧ ଖାଇ ବି ନିଦ ହଉନି ମୋତେ । ନିଦ ଟିକିଏ ଲାଗିଯାଆନ୍ତା ଭଲା। ନହେଲେ କାଶ ଉଠିଲା ଯଦି ସାରା ରାତି ନୟାନ୍ତ ହେବି ।

- ବାବୁ ମୁଁ କହିଥିଲି ସେମାନଙ୍କୁ। ଖରାପ ଭାବିବେନି ବାବୁ। ସେମାନେ କହିଲେ, ଆଜି ବୁଢା କଥା କିଛି ଶୁଣାଶୁଣି ନାହିଁ । ଏଇ ଦିନ ଆଉ କଣ ଆସିବ ! ବୁଢ଼ୀ ନାହିଁ ତ ବୁଢା ଆଉ ମେହେଫିଲ୍ କରି ପାରୁନି, ସେଥିପାଇଁ ଆମକୁ ବି ସହି ପାରୁନି । ତାପରେ ସେମାନେ 'ଡାନ୍ସ ଗାଇଜ୍ ଡାନ୍ସ' କହି ନାଚିବାରେ ଲାଗିଗଲେ।

ସଦାଶିବ ବାବୁ ଫେରି ଯାଉଥିଲେ ପଚାଶବର୍ଷ ତଳର ନୂଆବର୍ଷ ରାତିକୁ। ନବ ବିବାହିତା ପତ୍ନୀଙ୍କ ଓଢଣୀ ତଳର ଲାଜୁଆ ହସ ଯେମିତି ତାଙ୍କୁ ଆମନ୍ତ୍ରଣ କରୁଥିଲା ଖୁସି ଉଲ୍ଲାସର ମେହେଫିଲ ମନେଇବା ପାଇଁ। ଆହା କି ମଧୁର ମୂର୍ଚ୍ଛନା !! ନିଦ ଆସିଯାଇଥିଲା ଆପେ ଆପେ..!!

॥ ୩ ॥

- ତୁ ତୋର ରୁମ୍‌କୁ ଫେରିଲୁଣି କି ନାହିଁ ଜଣେଇଲୁନି ତ ? ପାପା ଆଉ ମୁଁ ତୋ ଫୋନକୁ ଚାହିଁ ବସିଛୁ ଯେ !

- ହାଲୋ ! ମାମା ପ୍ଲିଜ୍ ଡୋଣ୍ଟ୍ ଡିଷ୍ଟର୍ବ । ମୁଁ କହିଥିଲିନା ସାଙ୍ଗ ମାନଙ୍କ ସହ ଅଛି। ପାର୍ଟି ଚାଲିଛି। ଏମିତି ବାରମ୍ବାର ଫୋନ୍ କରୁଛ, ମୁଁ ଆଉ କଣ ଛୋଟ ପିଲା ହୋଇ ଅଛି ?

ଟଳଟଳ ହାତରୁ କାଚ ଗ୍ଲାସଟାଏ ଖସି ପଡି ଝଣ୍ କରି ଶବ୍ଦ ହେଲା । ଫୋନ୍‌ରେ ସେ ଶବ୍ଦ ଶୁଣି ଚମକି ପଡିଲେ ଭୀତତ୍ରସ୍ତା ମା ।

ଜିରୋ ନାଇଟ୍ ଆଉ ଏକ ବଳାତ୍କାରର ସମ୍ବାଦ ପ୍ରସ୍ତୁତ କରୁଥିଲା ନୂଆବର୍ଷର ସକାଳ ପାଇଁ।

॥ ୪ ॥

ନୂଆବର୍ଷର ନୂଆ ସକାଳରେ ନିର୍ମଳ ଭାବିଲା ଆଜି ଦିନରେ ଯାଇ ତା ଆରାଧ୍ୟ ଦେବତାଙ୍କୁ ଦର୍ଶନ କରି ଆସିବା, ତା ପାଇଁ ପରମ ସୌଭାଗ୍ୟ ହେବ। ଓଃ, ବସରେ କି ଭିଡ ! ପ୍ରାୟ ଧସ୍ତାଧସ୍ତି ଅବସ୍ଥା। ତା ଭଳି ସମସ୍ତେ ବୋଧହୁଏ ଯାଉଛନ୍ତି ନିଜର ପରମ ଆରାଧ୍ୟଙ୍କ ଦର୍ଶନ ପାଇଁ ! ଘରୁ ବାହାରି ଆସିଛନ୍ତି ଆଶିଷର ପାଖୁଡା ସବୁକୁ ସାଉଁଟିବା ପାଇଁ ? ! ତାଙ୍କ ମୁରୁକି ହସରେ, ତାଙ୍କ ସ୍ନିଗ୍ଧ ଚାହାଣିରେ ନିଜକୁ ଭିଜେଇ ନେବାକୁ, ବ୍ୟାକୁଳ ଭାବ ନେଇ ! ନିର୍ମଳ ବି ଖୁବ୍ ଉଚ୍ଚାଟିତ ଥିଲା ତାଙ୍କ ଦର୍ଶନ ପାଇଁ, ତାଙ୍କ ସାନ୍ନିଧ୍ୟ ଲାଭ ପାଇଁ !!

ନିର୍ମଳ ସାମ୍ନାରେ ବସିଥିଲେ ତା'ର ପରମ ଆତ୍ମୀୟ ଯେମିତି ଅପେକ୍ଷା କଲା ଭଳି। ତାକୁ ଦେଖୁ ଦେଖୁ ତାଙ୍କ ମୁହଁରେ ଖେଳିଗଲା ଅମାୟିକ ହସ। ସେ ତାଙ୍କ ପାଦତଳେ ମୁଣ୍ଡ ନୁଆଁଇଲା ତ, ଆଶିର୍ବାଦର ମୁଦ୍ରା ଆଙ୍କିଥିଲେ ଦୁଇଟି ଶିରାଳ ହାତ। ଖୁସିରେ ଯେମିତି ଦ୍ରବୀଭୂତ ହୋଇ ଯାଉଥିଲା ନିର୍ମଳ। ବୟସର ତାଡ଼ନାରେ ନଇଁ ପଡିଥିବା ଅଶୀତିପରର ତା ବୋଉର ପଣତ କାନି ତା ମୁହଁ ଦେହରୁ ସବୁ ଥକାପଣ ଯେମିତି ପୋଛି ପକେଇଲା। ମମତାର ଫଲଗୁରେ ନିର୍ମଳ ଅବଗାହନ କରୁଥିଲା ସତେ...!!!

+ଆଳି, କେନ୍ଦ୍ରାପଡା

# ଅବକାରୀ ବିଭାଗକୁ ରାଷ୍ଟ୍ରପତିଙ୍କ ସମ୍ମାନଜନକ ଡିଜିଟାଲ୍ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଆଜି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁ ନୂଆ ଦିଲ୍ଲୀ ଠାରେ ଅବକାରୀ ବିଭାଗକୁ ଇ-ଅବକାରୀ ପାଇଁ ସମ୍ମାନଜନକ "ଡିଜିଟାଲ୍ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର" ପ୍ରଦାନ କରିଛନ୍ତି । ଏହି ପୁରସ୍କାରକୁ ଓଡିଶା ସରକାରଙ୍କ ତରଫରୁ ଅବକାରୀ ବିଭାଗର ପୁର୍ବତନ ପ୍ରମୂଖ ଶାସନ ସଚିବ ସୁଶିଲ କୁମାର ଲୋହାନି ଅବକାରୀ ଆୟୁକ୍ତ ଆଶୀଷ କୁମାର ସିଂହ, ଅତିରିକ୍ତ ଅବକାରୀ ଆୟୁକ୍ତ ରାମ ଚନ୍ଦ୍ର ପାଲଟା, ଅବକାରୀ ବିଭାଗର ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଓ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି ଯେ, ଓଡିଶା ସରକାରଙ୍କ ଅବକାରୀ ବିଭାଗ ୨୦୧୯-୨୦ ରୁ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ର ର ସହାୟତାରେ ୩୦ ରୁ ଅଧିକ ଅନଲାଇନ୍ ପରିମାପକ ର କାର୍ଯ୍ୟକାରୀ କରାଇ ସ୍ୱଚ୍ଛ, ଅବାଧ, ସ୍ୱଳ୍ପ ସମୟ, ନିରବିଚ୍ଛିନ୍ନ ଏବଂ ସମୟାନୁବର୍ତ୍ତୀ ସେବା ଦେଇ ଆସୁଛି । ଏହା ଅବକାରୀ ଅପରାଧର ସଠିକ୍ ନିରୀକ୍ଷଣ ଏବଂ ଏହାର କାର୍ଯ୍ୟକାରିତାକୁ ମଜବୁତ କରିବା, ଅବୈଧ ତଥା ନକଲି ମଦକୁ ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତ୍ତୀ ସେବା ପ୍ରଦାନ କରିବା, ମଦର ଉତ୍ପାଦନ ଏବଂ ଉତ୍ପାଦନ ନିୟନ୍ତ୍ରଣ ସହିତ ଉପଯୁକ୍ତ ଯୋଗାଣ ଓ ପରିଚାଳନା ଏବଂ ସର୍ବୋପରି ବିଭାଗରେ ସାମୂହିକ ସେବାରେ ସହାୟତା ପ୍ରଦାନ କରି ଆସୁଅଛି ।

ପ୍ରକାଶ ଥାଉ କି ଯେ ଗତ ବର୍ଷ ଡିସେମ୍ବର ସୁଧା ୨୯୦୩୮ ଗୋଟି ମକୋଦ୍ଦମା ରୁଜୁ କରାଯାଇଥିବା ବେଳେ ଚଳିତ ବର୍ଷ ୪୫୫୪୧ ଗୋଟି ମକୋଦ୍ଦମା ରୁଜୁ କରାଯାଇ ଅଛି, ଯାହା କି ୫୬% ଅଧିକ । ଗତ ବର୍ଷ ଡିସେମ୍ବର ସୁଧା ଏନ୍.ଡି.ପି.ଏସ୍. ଆଇନ୍ ରେ ୧୩୧୦ ଗୋଟି ମକୋଦ୍ଦମା ରୁଜୁ କରାଯାଇଥିବା ବେଳେ ଚଳିତ ବର୍ଷ ୫୭୫ ଗୋଟି ମକୋଦ୍ଦମା ରୁଜୁ କରାଯାଇ ଅଛି, ଯାହା କି ୧୨୭% ଅଧିକ । ଚଳିତ ବର୍ଷ ଅବକାରୀ ରାଜସ୍ୱ ୬୧୯୭.୫୪ କୋଟି ସଂଗ୍ରହ ହୋଇଥିବା ବେଳେ ଗତ ବର୍ଷ ୫୦୨୩.୯୨ କୋଟି ହୋଇଥିଲା ଯାହା କି ୨୩.୩୬% ଅଧିକ ।

# ବିଏମସି ହସ୍ପିଟାଲକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କଲା ବିଜେପି

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ଭୁବନେଶ୍ୱର ମ୍ୟୁନିସିପାଲ ହସପିଟାଲକୁ ସ୍ୱତନ୍ତ୍ର ଗ୍ରାଂଟ ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିଜେପି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ବାବୁ ସିଂ ଶନିବାର ଓଡିଶା ଗସ୍ତରେ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନସୁଖଲାଲ୍ ମାଣ୍ଡଭିୟାଙ୍କୁ ଭେଟି ନିବେଦନ କରିବା ସହିତ ଏ ସଂକ୍ରାନ୍ତରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

ସେ କହିଛନ୍ତି ଭୁବନେଶ୍ୱର ସହରର ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଇଚାଲିଥିବା କାରଣରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ମଧ ବୃଦ୍ଧି ପାଇଛି । ପୁରୁଣା ଭୁବନେଶ୍ୱରସ୍ଥିତ ମ୍ୟୁନିସିପାଲ ହସପିଟାଲ ଏକ ପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଉପରେ ବର୍ତମାନ ପାଖାପାଖି ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ରାଜଧାନିବାସୀ ନିର୍ଭରଶୀଳ । ଏହି ହସ୍ପିଟାଲଟି ଦୀର୍ଘ ଦିନ ହେବ ଅବହେଳିତ ଅବସ୍ଥାରେ ରହିଛି । ବାରମ୍ବାର ରାଜ୍ୟ ସରକାରଙ୍କୁ ବିଜେପି ଦୃଷ୍ଟି ଦେବାକୁ କହିଆସିଛି । କିନ୍ତୁ ରାଜ୍ୟ ସରକାର ଏବଂ ସ୍ଥାନୀୟ କତୃପକ୍ଷଙ୍କ ଆନ୍ତରିକତା ଅଭାବ ଏବଂ ବିହୀତ ପଦକ୍ଷେପ ଗ୍ରହଣ ନକରିବାରୁ ଏହି ହସପିଟାଲକୁ ଆସୁଥିବା ରୋଗୀମାନେ ସଠିକ୍ ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି । ସହରର ଏହି ପୁରାତନ ହସପିଟାଲରେ ଆବଶ୍ୟକୀୟ ଭିତିଭୁମି, ଡାକ୍ତର, ମେଡିକାଲ ଷ୍ଟାଫ, ମେଡିକାଲ ଉପକରଣ ଆଦି ଯୋଗାଇ ଦିଆଗଲେ ଅଂଚଳବାସୀ ସ୍ୱାସ୍ଥ୍ୟ ସେବା ପାଇ ଲାଭାନ୍ୱିତ ହୁଅନ୍ତେ । ଏହି ଅବସରରେ ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଭୀମଟାଙ୍ଗି ଅଂଚଳର ପୂର୍ବତନ କର୍ପୋରେଟର ସୁଭାସିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜସ୍ୱ ପର୍ଷଦ ଦ୍ୱାରା ୧୬୬୬ ଗୋଟି ପଡ଼ାଗ୍ରାମ ସମ୍ବନ୍ଧୀୟ ମାମଲାର ସମାଧାନ

କଟକ/ଭୁବନେଶ୍ୱର, ୦୮/୦୧ (ନି.ପ୍ର): ରାଜ୍ୟରେ ପଡ଼ାଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରବର୍ତନ କରାଯିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ୫୦୧୫ ଗୋଟି ଚିହ୍ନିତ ପଡ଼ାଗ୍ରାମର ତଥ୍ୟ ପ୍ରଦାନ କରାଯାଇଛି । ରାଜସ୍ୱ ପର୍ଷଦ ଦ୍ୱାରା ୧୬୬୬ ଗୋଟି ପଡ଼ାଗ୍ରାମ ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଫଇସଲା କରାଯାଇଛି । ଅବଶିଷ୍ଟ ୩୩୪୯ ଗୋଟି ପଡ଼ାଗ୍ରାମ ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ତଥ୍ୟାବଳୀ ସମସ୍ତ ଜିଲ୍ଲାପାଳମାନେ ପ୍ରଦାନ କରିବାକୁ ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ ଶ୍ରୀ ରାଜ କୁମାର ଶର୍ମା ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଏ ସମ୍ବନ୍ଧୀୟ ତଥ୍ୟରୁ ଜଣାଯାଏ ୬୬୧ ଗୋଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତିତ କରାଯିବା ପାଇଁ ଆଦେଶ ପ୍ରଦାନ କରାଯାଇଥିବାବେଳେ ୧୦୩ ଗୋଟି ପଡ଼ାଗ୍ରାମ ମାମଲାର ତଥ୍ୟ ଭୂଲେଖରେ ଗତ ଡିସେମ୍ବର ୨୯ ତାରିଖ ସୁଦ୍ଧା ପଞ୍ଜୀକୃତ ହୋଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଜିଲ୍ଲାପାଳମାନେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ନିମନ୍ତେ ଗୁରୁତ୍ୱାରୋପ କରି ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଆଗାମୀ ଦୁଇ ମାସ ମଧ୍ୟରେ ଜିଲ୍ଲା ସ୍ତରରୁ ଅବଶିଷ୍ଟ ୩୩୪୯ ଗୋଟି ମାମଲାକୁ ରାଜସ୍ୱ ପର୍ଷଦକୁ ପଠାଯିବା ସହ ୫୬୮ ଗୋଟି ଅନୁମୋଦିତ ଗ୍ରାମଗୁଡ଼ିକର 'ଭୁଲେଖ ତଥ୍ୟ ପଂଜୀକରଣ' ଆଗାମୀ ଏକମାସ ମଧ୍ୟରେ ଶେଷ କରାଯିବା ପାଇଁ ମାନ୍ୟବର ସଦସ୍ୟ ଶ୍ରୀ ଶର୍ମା ମଧ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

# ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ବୁଥ ସ୍ତରରୁ ଆରମ୍ଭ ହେବ କଂଗ୍ରେସ

ଭୁବନେଶ୍ୱର , ୦୮/୦୧ (ନି.ପ୍ର): ଭାରତ ଯୋଡ଼ କାର୍ଯ୍ୟକ୍ରମର, ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ଏକ ଅଂଶବିଶେଷ । ରାଜ୍ୟର କଂଗ୍ରେସର ନେତୃବର୍ଗ ଆସନ୍ତା ଜାନୁଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଗାଁକୁ ଯାଇ ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ଆରମ୍ଭ କରିବେ ।

ଏହାକୁ ନେଇ ଗତ ୬ ତାରିଖ ଓ ୭ ତାରିଖ ଦୁଇଦିନ ଧରି ରାଜ୍ୟ କଂଗ୍ରେସ ଭବନରେ ହାତକୁ ହାତ ଯୋଡ଼ୋ କାର୍ଯ୍ୟକ୍ରମକୁ କିପରି ଭାବରେ ସଫଳ କରାଯିବ ତାର ଗୁରୁମନ୍ତ୍ର ଦେଇଥିଲେ ଜାମୁ କାଶ୍ମିର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ, କଂଗ୍ରେସ କାର୍ଯ୍ୟକାରିଣୀର ସଦସ୍ୟ, ରାଜ୍ୟସଭା ସାଂସଦ ତାରିକ ହମିଦ କାରାର୍ । ସେ କହିଛନ୍ତି ଯେ ପ୍ରତ୍ୟେକ ଗାଁରେ କଂଗ୍ରେସର ପତାକା ଉତୋଳନ କରାଯିବ ଏବଂ କଂଗ୍ରେସ ନେତୃବର୍ଗ ଗାଁର ପ୍ରତ୍ୟେକ ଘରକୁ ଘର ଯାଇ ଜନସଂପର୍କ ସୃଷ୍ଟି କରିବା ସହିତ ରାଜ୍ୟର ସାଂପ୍ରତିକ ପରିସ୍ଥିତି, ସ୍ଥାନୀୟ ଅଂଚଳର ଜନସାଧାରଣଙ୍କର ସମସ୍ୟା ସହିତ ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଯେଉଁ ଭାରତ ଯୋଡ଼ ଯାତ୍ରା ଚାଲିଛି ସେ କଥାକୁ ଲୋକମାନଙ୍କ ପାଖରେ ଉପସ୍ଥାପନ କରିବେ । ଦାରିଦ୍ର୍ୟତା, ହୁ ହୁ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ମୁଦ୍ରାସ୍ଫିତି, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ଭାରତ ବର୍ଷରେ ଜାତି, ଧର୍ମ,ବର୍ଣ୍ଣ, ଭାଷା ଓ ଆଂଚଳିକତାକୁ ନିଜର ଆଦର୍ଶକରି ଆଜି ଦେଶକୁ ଭାଗ ଭାଗ କରିବାପାଇଁ ଚେଷ୍ଟା ଚଳାଇଛନ୍ତି । ଘୃଣା, ଭୟ ଓ ହିଂସା ଆଜି ସାରା ଦେଶରେ ରାଜୁତି କରୁଛି ।

ଶ୍ରୀ କାରାର୍ କୌଣସି ପ୍ରକାରର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଦଳୀୟ କାର୍ଯ୍ୟକର୍ତା, ପୂର୍ବତନ ସାଂସଦ, ବିଧାୟକ, ବରିଷ୍ଠ ନେତୃବର୍ଗ, ବର୍ତମାନର ସାଂସଦ, ବିଧାୟକ, ଛାତ୍ର, ଯୁବ, ମହିଳା ନେତୃବର୍ଗ, ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ବୃନ୍ଦ ଏବଂ ପଦାଧିକାରୀଙ୍କୁ ସେ କହିଥିଲେ ଯେ ଭାରତ ଯୋଡ଼ ଯାତ୍ରାର ଆଜି ଯେଉଁ ଉପଲବ୍ଧି ମିଳିଛି ତାହା ଆମ ସସସ୍ତଙ୍କୁ ସମ୍ମିଭୂତ ଏବଂ ଆଚମ୍ଭିତ ମଧ କରିଛି । ସାରା ଭାରତ ବର୍ଷରେ କୋଟି କୋଟି ଲୋକ ଭାରତ ଯୋଡ଼ ଯାତ୍ରାରେ ସାମିଲ ହୋଇଛନ୍ତି । ତିନିହଜାରରୁ ଅଧିକ କିଲୋମିଟର ଶ୍ରୀ ରାହୁଲ ଗାନ୍ଧୀ ପଦଯାତ୍ରା କରିସାରିଲେଣି । ଭାରତଯୋଡ଼ ଯାତ୍ରା ସଫଳତାକୁ ନେଇ ଆଜି ପ୍ରତ୍ୟେକ କଂଗ୍ରେସ ନେତୃବର୍ଗ ଏବଂ ଦେଶର ଯୁବବର୍ଗ ଖୁବ ଆନନ୍ଦିତ । ଦୀର୍ଘ ୨୨ ବର୍ଷଧରି ଏକ ବ୍ୟୁରୋକ୍ରାଟିକ ଜନତା ଦଳ ଶାସନ କରୁଛି । ଏ ସରକାର ଓଡ଼ିଶାର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ପରିବର୍ତେ କେବଳ ଆତ୍ମପ୍ରଚାରରେ ଲାଗି ପଡ଼ିଛି । ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ଏପରିକି ୧୦ଟି ଆଦିବାସୀ ଜିଲ୍ଲାର ସାମଗ୍ରିକ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଏହି ଦୁଇଦିନିଆ ଆଲୋଚନା ଚକ୍ର କାର୍ଯ୍ୟକ୍ରମର ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଅଧକ୍ଷତା କରିଥିଲେ । ଶ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ସଫଳତା କଂଗ୍ରେସକୁ ବୁଥ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଅଧିକ ଶକ୍ତିଶାଳୀ କରିବା ସହିତ କଂଗ୍ରେସକୁ ଲୋକାଭିମୁଖି କରିବ । ରାଜ୍ୟର ପ୍ରକୃତ ସ୍ଥିତି କଂଗ୍ରେସ ନେତୃବର୍ଗ କେବଳ ଗ୍ରାମାଂଚଳରୁ ହିଁ ଜାଣିହେବ । ଯେପର୍ଯ୍ୟନ୍ତ ଆମେ ଲୋକମାନଙ୍କର ଆଶା ଓ ବିଶ୍ୱାସ ଭାଜନ ହୋଇପାରିବୁ ନାହିଁ ସେପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଅହରହ ଉଦ୍ୟମ କରିବାକୁ ପଡ଼ିବ । ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁ ଏବଂ ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ମାନଙ୍କୁ ବହୁକିଛି ପରିଶ୍ରମ କରିବାକୁ ପଡ଼ିବ । କଂଗ୍ରେସ ଆସିଲେ ଓଡ଼ିଶାର ବିକାଶ ସମ୍ଭବ ହେବ । ଏମାନେ କେବଳ ପରସ୍ପର ଭିତରେ ଗଣମାଧମରେ ଟଣା ଓଟରା ହୁଅନ୍ତି କିନ୍ତୁ ସଂଧ୍ୟା ହେଲେ ତାଙ୍କର ସଂପର୍କ ସଜାଡ଼ି ହୋଇଯାଏ । ୨୨ ବର୍ଷ ଭିତରେ ରାଜ୍ୟର ଗୋଟିଏ ବଡ଼ ଶିଳ୍ପର ନା ଯାହାକି ରାଜ୍ୟ ସରକାର କରିଛନ୍ତି ବୋଲି କହିପାରିବେକି । ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମ ଜାନୁଆରୀ ୨୬ ରୁ ଆରମ୍ଭ ହୋଇ ଦୁଇ ମାସ ପର୍ଯ୍ୟନ୍ତ ଚାଲୁ ରହିବ । ଏହାଦ୍ୱାରା ଓଡ଼ିଶାର ପ୍ରତ୍ୟେକ ଗାଁକୁ ୩୧୪ ବ୍ଲକକୁ ୩୦ଟି ଜିଲ୍ଲାକୁ କଂଗ୍ରେସ ନେତୃବର୍ଗ ପଦଯାତ୍ରା କରିବା ସହିତ ଲୋକଙ୍କ ପାଖକୁ ସିଧାସଳଖ ଯିବେ, ଲୋକଙ୍କ ସୁଖ ଦୁଃଖ ବୁଝିବେ ଏବଂ ସଂପର୍କ ସ୍ଥାପନ କରିବେ । କଂଗ୍ରେସ ଦୃଢ଼ ନିଶ୍ଚିତ ଆସନ୍ତା ୨୦୨୪ ରେ ୯ରୁ ୯୦ ଆସନ ଜିତିବ ଏବଂ ରାଜ୍ୟର ଜନସାଧାରଣଙ୍କର ସେବା କରିବ । ଏଥିପାଇଁ ଶ୍ରୀ ପଟ୍ଟନାୟକ ଓଡ଼ିଶାର ଜନସାଧାରଣଙ୍କୁ ଯୋଡ଼ ହସ୍ତରେ ନିବେଦନ କରି କହିଛନ୍ତି କଂଗ୍ରେସକୁ ଆଶୀର୍ବାଦ କରନ୍ତୁ ବୋଲି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି, ଜିଲ୍ଲା କଂଗ୍ରେସ ସଭାପତି, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ବରିଷ୍ଠ କଂଗ୍ରେସ ନେତୃବର୍ଗ, ଗତ ସାଧାରଣ ନିର୍ବାଚନର ସସସ୍ତ ସାଂସଦ ଓ ବିଧାୟକ ପ୍ରାର୍ଥୀ ଏବଂ ସମସ୍ତ ସାମ୍ମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟ ଓ କର୍ମକର୍ତାମାନେ ଯୋଗଦେଇଥିଲେ ।

# ଓଡିଶାରେ ଖୋଲିବ ଡିପିସିଆଇ

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ଏକ ଅତ୍ୟାଧୁନିକ ଡାଟା, ପଲିସି ଏବଂ ଇନୋଭେସନ୍ ସେଂଟର (ଡିପିସିଆଇ) ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାର ଭାରତର ଚିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି । ଯାହା ଇକୋନୋମେଟ୍ରିକ୍ସ, ଡାଟା ସାଇନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ପରି ନୂତନ ଜ୍ଞାନକୌଶଳ ଉପଯୋଗରେ ଏହା କଠୋର, ପ୍ରମାଣ ଭିତିକ ଶାସନକୁ ସକ୍ଷମ କରିବ । ଏହି ସହଭାଗୀତାରେ ଚିକାଗୋ ବିଶ୍ୱ ବିଦ୍ୟାଳୟର ଅନୁସନ୍ଧାନୀମାନେ ନିୟୋଜିତ ହୋଇ ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରୁ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ନୀତି ସମ୍ବନ୍ଧରେ ବିଶ୍ଳେଷଣାତ୍ମକ ଏବଂ ମୂଲ୍ୟାଙ୍କନ ଭିତିକ ତଥ୍ୟ ପ୍ରଦାନ କରିବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରିଡ଼ା ଓ ଯୁବସେବା ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂଏମ୍ .ଡି.ଓକାକ୍ ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ମନୋଜ ପଟ୍ଟନାୟକ ସି.ଇ.ଓ. ଓକାକ୍ ଓ ଚିକାଗୋ ବିଶ୍ୱବିଦ୍ୟାଳୟ ସେଂଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. ଲେନି ଚୌଧୁରୀଙ୍କ ମଧ୍ୟରେ ଶନିବାର ଭୁବନେଶ୍ୱରରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ଡିପିଆଇସି ଅନେକ ଉତ୍ସରୁ 'ବଡ ତଥ୍ୟ ସଂଗ୍ରହ କରିବ, ସମସାମୟିକ ଅର୍ଥନୀତି ଏବଂ ପରିସଂଖ୍ୟାନ ମଡେଲ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରିବା ଏବଂ ଆବଶ୍ୟକ ସୃଜନଶୀଳ ନୀତି ଉତ୍ପାଦନ ସହ ଏହା ଉତ୍କର୍ଷର କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ସଚିବ ମନୋଜ ପଟ୍ଟନାୟକ କହିଛନ୍ତି । ଏହି ସହଭାଗୀତା ଅନୁଯାୟୀ, ଚିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀ ମାନେ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଏବଂ ଜଳ ଏବଂ ପରିମଳ ଇତ୍ୟାଦି କ୍ଷେତ୍ରରେ ଅନୁସନ୍ଧାନ, ମନିଟରିଂ, ପ୍ରଭାବ ମୂଲ୍ୟାଙ୍କନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବେ । ଏଥିସହ ଏହି ସହଭାଗୀତା ଦକ୍ଷ ମାନବ ସମ୍ବଳ ତଥା ପ୍ରତିଷ୍ଠାନର ବିକାଶ ସହ ଆଧୁନିକ ତଥ୍ୟ ବିଶ୍ଳେଷଣ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ହବ୍ ସୃଷ୍ଟି କରିବ ।

ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତି ନୀତି ପ୍ରତିଷ୍ଠାନର ବରିଷ୍ଠ ତଥା ଏହି ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ପରାମର୍ଶଦାତା ଡକ୍ଟର ଅନନ୍ତ ସୁଦର୍ଶନ କହିଛନ୍ତି, 'ଏହି କାର୍ଯ୍ୟକ୍ରମ ଅଧୀନରେ କଠୋର, ପ୍ରମାଣ ଭିତିକ ଶାସନକୁ ସକ୍ଷମ କରିବାକୁ ଆମେ ବିଶ୍ଳେଷଣ କରିଥିବା ତିନି-ପ୍ରଗତିଶୀଳ ରଣନୀତି ବେଶ ସହାୟକ ହେବ । ଆମେ ଅଭିନବ ନୀତି ଚିନ୍ତାଧାରା ଉପରେ ପ୍ରୟୋଗ ହୋଇଥିବା ଅନୁସନ୍ଧାନରେ ଆମର ପାରଦର୍ଶୀତା ଆଣିବାକୁ ଲକ୍ଷ୍ୟ ରଖିଛୁ । ଯାହା ସାମର୍ଥ୍ୟ ବୃଦ୍ଧି ତଥା ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାକୁ ହ୍ରାସ କରିବ ।'

ଏହି ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି ଚିକାଗୋ ବିଶ୍ୱବିଦ୍ୟାଳୟ ସେଂଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. ଲେନି ଚୌଧୁରୀ କହିଛନ୍ତି, 'ଆମେ ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଭିନବ ଷ୍ଟାର୍ ରେଟିଙ୍ଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ସହ ହାତ ମିଶାଇ ଥିଲୁ । ବର୍ତମାନର ସହଭାଗିତା ମାଧମରେ ବୃହତ ଡାଟା ବ୍ୟବହାରରେ ନୂଆ ତଥା ଅଭିନବ ସମାଧାନ ଆଣିବା ନେଇ ବହୁତ ଉତ୍ସାହିତ ଅଛୁ ।'

# ଅନୁପସ୍ଥିତ ଥିବା ୯୬ ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ଦୀର୍ଘଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ କହିଛନ୍ତି । ଯେଉଁ ଶିକ୍ଷକମାନେ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହୁଛନ୍ତି ଓ ନୋଟିସର ଜବାବ ରଖୁନାହାନ୍ତି, ସେମାନଙ୍କ ବିରୋଧରେ ନୀତିଗତ କାର୍ଯ୍ୟାନୁଷ୍ଠାନ ନେଇ ନିଷ୍ପତି ହୋଇଛି । ସେହିପରି ଏ ଯାଏଁ ୯୬ ଜଣ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହୋଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସେ କହିଛନ୍ତି, ସାରା ରାଜ୍ୟରେ ପାଖାପାଖି ୯୬ ଶିକ୍ଷକ ଦୀର୍ଘ ଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହିଛନ୍ତି ।

# ସର୍ବଭାରତୀୟ ବୈଜ୍ଞାନିକ ମଣ୍ଡଳୀର ଓୟୁଏଟି ଫଳ ଗବେଷଣା ପ୍ରକଳ୍ପ ପରିଦର୍ଶନ

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ସର୍ବଭାରତୀୟ ବୈଜ୍ଞାନିକ ମଣ୍ଡଳୀର ବରିଷ୍ଟ ବୈଜ୍ଞାନିକମାନେ ଭୁବନେଶ୍ୱରର ଓୟୁଏଟିସ୍ଥିତ ଅଖିଳ ଭାରତୀୟ ଫଳ ଗବେଷଣା ପ୍ରକଳ୍ପର ଅନୁଧାନ ପାଇଁ ପରିଦର୍ଶନରେ ଆସିଥିଲେ । ଜାତୀୟ ଜୈବ ବିଜ୍ଞାନ ସଂସ୍ଥାର ଅଧକ୍ଷ ଡଃ ଭି. ଏ. ପାର୍ଥସାରଥୀ, ଭାରତୀୟ ପନିପରିବା ଗବେଷଣା କେନ୍ଦ୍ର, ବାରଣାସୀର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ଡଃ. କେ. ପି. ସିଂ, କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥାନ ତ୍ରିଭାନ୍ଦ୍ରମର ପୂର୍ବତନ ନିର୍ଦ୍ଦେଶକ ଡଃ. ଭି. ରବି ଓ ଅଖିଳ ଭାରତୀୟ ଫଳ ଗବେଷଣା ପ୍ରକଳ୍ପର ସଂଯୋଜକ ଡଃ ପ୍ରକାଶ ପାଟିଲ ପ୍ରମୁଖ ଫଳ ଗବେଷଣା ପ୍ରକଳ୍ପର କଦଳୀ ଫସଲ ଅନୁସନ୍ଧାନ କ୍ଷେତ୍ର ପରିଭ୍ରମଣ କରିଥିଲେ । ଏହି ଅବସରରେ ଭାରପ୍ରାପ୍ତ ବୈଜ୍ଞାନିକା ଡଃ. ସୌଦାମିନୀ ସ୍ୱାଇଁ ଓ ଉଦ୍ଭିଦ ରୋଗ ବିଶେଷଜ୍ଞ ବିପିନ କୁମାର ପ୍ରଧାନ ଉପସ୍ଥିତ ରହି କଦଳୀ ଫସଲ ଅନୁସନ୍ଧାନ କ୍ଷେତ୍ରରେ ଓୟୁଏଟି ରେ ହେଉଥିବା କାର୍ଯ୍ୟ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । କ୍ଷେତ୍ର ପରିଦର୍ଶନ ପରେ ବୈଜ୍ଞାନିକ ମଣ୍ଡଳୀ ଓୟୁଏଟି ଦ୍ୱାରା କରାଯାଉଥିବା ଉଦ୍ଭିଦ ଗବେଷଣା ତଥା ନମୁନା ଫଳ ଓ ପନିପରିବା ଚାଷ ପଦ୍ଧତି ଆଦି ଉନ୍ନତ ମାନର ବୋଲି ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ବ୍ୟାପକ ଭାବେ ଚାଷୀଙ୍କ ପାଖରେ ପହଂଚିବା ଦିଗରେ ବିଶ୍ୱବିଦ୍ୟାଳୟ ଯନିବାନ ହେବା ପାଇଁ ପରାମର୍ଶ ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ପୁନଃ କାର୍ଯ୍ୟକାରୀ କରାଯାଉ : କଂଗ୍ରେସ

ଭୁବନେଶ୍ୱର, ୦୮/୦୧ (ନି.ପ୍ର): କେନ୍ଦ୍ର ମୋଦି ସରକାର ଗତ ଡ଼ିସେମ୍ବର ୨୩ ତାରିଖରେ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଚଳିତ ଜାନୁୟାରୀ ମାସ ଠାରୁ ବନ୍ଦ କରିବାକୁ ନେଇଥିବା ନିଷ୍ପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ଯୋଜନାରେ ସମଗ୍ର ଭାରତବର୍ଷରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ୮୧ କୋଟି ୩୫ ଲକ୍ଷ ଗରିବ, ବେରୋଜଗାର ଲୋକ ମାସିକ ମୁଣ୍ଡପିଛା ୫ କେଜି କରି ଅଧିକ ଚାଉଳ ବା ଖାଦ୍ୟଶସ୍ୟ ମାଗଣାରେ ପାଉଥିଲେ । ମୋଦୀ ସରକାରଙ୍କ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଯୋଜନା ବନ୍ଦ କରିବା ଫଳରେ ହିତାଧିକାରୀମାନେ ଜାନୁୟାରୀ ଠାରୁ ମାସକୁ ୧୦କେଜି ପରିବର୍ତେ ୫କେଜି ଚାଉଳ ପାଇବେ, ୫ଜଣ ସଦସ୍ୟ ବିଶିଷ୍ଟ ଗୋଟିଏ ପରିବାରକୁ ଅତିରିକ୍ତ ୭୫୦ଟଙ୍କା (୨୫ଘ୩୦)ର ଆର୍ଥିକ ବୋଝ ମୁଣ୍ଡାଇବାକୁ ପଡିବ । ଜାନୁୟାରୀ ୨୩ରୁ ଡିସେମ୍ବର ୨୩ମଧ୍ୟରେ ୯,୦୦୦ଟଙ୍କାର ଅର୍ଥ ପିଡା ଭୋଗିବେ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପି ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପାଇଁ ଏକ ଉପହାସ ।

ପ୍ରତେକ ରେସନକାର୍ଡ ଧାରୀ ଗୋଟିଏ ପକ୍ଷରେ ମାଗଣା ଚାଉଳ ଯୋଜନାରେ ୨୫ଟଙ୍କା ଲାଭ ପାଉଥିବା ସ୍ଥଳେ ୨୫ କେଜି ଚାଉଳ କିଣି ମାସିକ ୭୫୦ ଟଙ୍କା କ୍ଷତି ସହିବେ । ଖାଦ୍ୟ ନିରାପ । ଯୋଜନା ଲକ୍ଷ ଏହାଦ୍ୱାରା ବିଳମ୍ବିତ ହେବ । ଏଠାରେ ଉଲ୍ଲେଖ କରାଯାଇପାରେ କି ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ସଂସ୍ଥା ହଙ୍ଗରୱାଚ୍ ଆକଳନ ଅନୁସାରେ ଭାରତବର୍ଷରେ ୮୦ଭାଗରୁ ଉର୍ଦ୍ଧ ଲୋକ କୌଣସି ନା କୌଣସି କ୍ଷେତ୍ରରେ ଖାଦ୍ୟ ସୁରକ୍ଷାରୁ ବ୍ତ ହେଉଛନ୍ତି । ବିଶ୍ୱ କ୍ଷୁଧା ସୂଚକାଙ୍କ, ୨୦୨୨ ଅନୁସାରେ ବିଶ୍ୱର ୧୨୧ଟି ରଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୭, ସୁତରାଂ ଦେଶରେ କ୍ଷୁଧା ଅଛି ଓ ଦେଶବାସୀ କ୍ଷୁଧା କଷ୍ଟ ଭୋଗୁଛନ୍ତି । ଏହା ସ୍ପଷ୍ଟ ପ୍ରତିପାଦିତ ହେଉଛି । ଏହି ଯୋଜନାରେ ପ୍ରତ୍ୟେକ ଗରିବ ପରିବାର ବାର୍ଷିକ ୯ ହଜାର ଟଙ୍କା ଆର୍ଥିକ କଷ୍ଟ ଭୋଗିବା ସ୍ଥଳେ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ ସ୍ତ କରିବେ । ବାସ୍ତବରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ନୁହନ୍ତି ବରଂ କେନ୍ଦ୍ର ସରକାର ଲାଭବାନ ହେବେ । ନୂଆ ବର୍ଷରେ ଗରିବମାନଙ୍କର ମାସିକ ଚାଉଳ କାଟି କେନ୍ଦ୍ରସରକାର ଗରିବ ବିରୋଧି ଚରିତ୍ରର ପ୍ରମାଣ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ୮୧କୋଟି୩୫ଲକ୍ଷ ଗରିବ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଗରିବ କଲ୍ୟାଣ ଯୋଜନା ଲାଗୁ କରିବାକୁ କଂଗ୍ରେସ ଦାବି କରୁଛି, ରାଜ୍ୟ ସରକାର କେବଳ କେନ୍ଦ୍ରକୁ ଦୋଷ ଦେଇ ହାତ ଟେକିଦେବା ଦୁଃଖଦାୟକ । ରାଜ୍ୟ ଖାଦ୍ୟ ନିରାପତା ଯୋଜନାରେ ମତ୍ର ୮କୋଟି ୯ଲକ୍ଷ ଲୋକଙ୍କୁ ମାସକୁ ମୁଣ୍ଡପିଛା ୫କେଜି କରି ମାଗଣା ଚାଉଳ ଯୋଗାଇଦେବାର ଯୋଜନା ଯଥେଷ୍ଟ ନୁହେଁ । ରାଜ୍ୟର ଖାଦ୍ୟ ନିରାପତା ଯୋଜନାରେ ଅର୍ନ୍ତଭୁକ୍ତ ୩କୋଟି ୨୫ ଲକ୍ଷ ଗରିବ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଚାଉଳ ଯୋଗାଣି ଯୋଜନା ଘୋଷଣା କରନ୍ତୁ ବୋଲି ପିସିସି ମିଡିଆ ତଥା ଗଣ ମାଧମ ଅଧକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ରିଲିଜରେ କହିଛନ୍ତି ।

# ଶୀତ ଲହରି : ଶିମିଳିପାଳରେ ତୁଷାରପାତ

ଭୁବନେଶ୍ୱର , ୦୮/୦୧ (ନି.ପ୍ର): ରାଜ୍ୟରେ ଗତକାଲି ରାତିରୁ ପ୍ରବଳ ଥଣ୍ଡା ପଡ଼ିବା ଆରମ୍ଭ ହୋଇଯାଇଛି । ୧୬ ସହରର ତାପମାତ୍ରା ୧୦ ଡିଗ୍ରି ତଳକୁ ଖସିଛି । ଶିମିଳିପାଳରେ ତୁଷାରପାତ ହୋଇଛି । ଝାରସୁଗୁଡ଼ାଠାରେ ତାପମାତ୍ରା ୫.୬ ଡିଗ୍ରି ରେକର୍ଡ ହୋଇଛି । ସେହିଭଳି ରାଉରକେଲାଠାରେ ୬ ଡିଗ୍ରି, ସୁନ୍ଦରଗଡ଼ ଓ ଜି. ଉଦୟଗିରିରେ ୭ ଡିଗ୍ରି, ସେମିଳିଗୁଡ଼ାରେ ୭.୩ ଡିଗ୍ରି, ଦାରିଙ୍ଗବାଡ଼ିରେ ୮ ଡିଗ୍ରି, ଢେଙ୍କାନାଳରେ ୮.୪ ଡିଗ୍ରି, କେନ୍ଦୁଝର ଓ ଫୁଲବାଣୀରେ ୮.୫ ଡିଗ୍ରି, ଅନୁଗୁଳ, ସୋନପୁର ଓ ଭଦ୍ରକରେ ୯ ଡିଗ୍ରି, ରାନିତାଲରେ ୯.୨ ଡିଗ୍ରି, ମହିଷାପାଟ୍ରେ ୯.୪ ଡିଗ୍ରି, ବାରିପଦାରେ ୯.୬ ଡିଗ୍ରି ଓ ବାଲେଶ୍ୱରରେ ୯.୭ ଡିଗ୍ରି ରାତି ତାପମାତ୍ରା ରେକର୍ଡ ହୋଇଛି ।

ଆସନ୍ତା ୨ ଦିନ ଯାଏ ରାଜ୍ୟର କିଛି ଜିଲ୍ଲାରେ ଶୀତ ଲହରି ଜାରି ରହିବ । ବିଶେଷ କରି ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଶୀତ ଲହରି ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏଥିସହ ଏହି



୯ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ପାଣିପାଗ କେନ୍ଦ୍ର କହିଛି, ଯଦିଓ ଏହି ସମୟରେ ଶୀତ ସହନୀୟ ତଥାପି ବୟସ୍କ ବ୍ୟକ୍ତି ଓ ଛୋଟ ପିଲାଙ୍କୁ ବାହାରକୁ ନବାହାରିବା ଭଲ । ରାତି ଓ ପାହାନ୍ତା ସମୟରେ ଶୀତକୁ ନ ବାହାରିବାକୁ ତଥା ଗୃହପାଳିତ ପଶୁଙ୍କୁ ଖୋଲାରେ ନ ରଖି ଆବଶ୍ୟକୀୟ ଗୃହରେ ରଖିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

# ଇ-ନାମଲେଖା ନିୟମ ମାନିନାହାନ୍ତି ୧୯ କଲେଜ

ଭୁବନେଶ୍ୱର , ୦୮/୦୧ (ନି.ପ୍ର): ୨୦୨୨-୨୩ ଶିକ୍ଷା ବର୍ଷରେ ନାମଲେଖା ବେଳେ ୧୯ଟି ଡିଗ୍ରି କଲେଜ ସାମ୍ସ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟା ନକରି ଅଫଲାଇନ୍ ମୋଡ୍‌ରେ ନାମ ଲେଖାଇଥିଲେ । ଇ-ନାମଲେଖା ପ୍ରକ୍ରିୟାକୁ ଉଲ୍ଲଂଘନ କରି ଛାତ୍ରଛାତ୍ରୀଙ୍କ ନାମ ଲେଖାଇଲେ । ଏହାପରେ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖି ଛାତ୍ରଛାତ୍ରୀଙ୍କ ତଥ୍ୟକୁ ଅପ୍‌ଡେଟ୍ କରିବାକୁ ଅନୁରୋଧ କରିଛନ୍ତି । ଇ-ନାମଲେଖା ପ୍ରକ୍ରିୟାକୁ ଉଲ୍ଲଂଘନ କରିଥିବାରୁ ନାମଲେଖା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଜାନୁଆରି ୧୧ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୯ଟି କଲେଜର ଅଧକ୍ଷଙ୍କୁ ଚିଠି ଲେଖାଯାଇଛି । ଏହାସହ ସରକାରୀ ନିୟମ ଉଲ୍ଲଂଘନ କରିଥିବାରୁ କାହିଁକି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବନି ସେନେଇ ଉତ୍ତର ରଖିବାକୁ କଲେଜ ଅଧକ୍ଷମାନଙ୍କୁ ଜବାବ୍ ମଗାଯାଇଛି । ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଏହି ୧୯ଟି କଲେଜ ହେଉଛି ବଇଣ୍ଡାର ଜନତା ଡିଗ୍ରି କଲେଜ, କଣିହାଁର କଣିହାଁ ଡିଗ୍ରି କଲେଜ, ଅନନ୍ତପୁରର ସାରସ୍ୱତ ଡିଗ୍ରି ମହାବିଦ୍ୟାଳୟ, ବାଲେଶ୍ୱରର କଲେଜ୍ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଭଦ୍ରକର ଗାୟତ୍ରୀମାଳା ସଂସ୍କୃତ ଡିଗ୍ରି କଲେଜ, କଟକର ଟାଙ୍ଗୀ ମହାବିଦ୍ୟାଳୟ, ନେତାଜୀ ସୁବାସ ମେମୋରିଆଲ ସିଟି ଡିଗ୍ରି କଲେଜ, ଅଡ଼ସପୁରର ଉଦୟନାଥ ସ୍ୱୟଂଶାସିତ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଭୁବନର ବାଜି ରାଉତ ମେମୋରିଆଲ ଡିଗ୍ରି କଲେଜ, ଗଞ୍ଜାମର ଯଶୋଦା ମହିଳା ଡିଗ୍ରି କଲେଜ, ଚିଉଲୋ ଡିଗ୍ରି ମହାବିଦ୍ୟାଳୟ, ଖୋର୍ଦ୍ଧାର ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଡିଗ୍ରି କଲେଜ ଓ ଡେଲ୍‌ଟା ଇନଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚର୍ ଆଣ୍ଡ ମ୍ୟାନେଜମେଣ୍ଟ, ବାଲୁଗାଁ ଡିଗ୍ରି କଲେଜ, ମାଲକାନଗିରିର ବିଜୁ ପଟ୍ଟନାୟକ ଡିଗ୍ରି କଲେଜ ଅଫ୍ ଏଜୁକେସନ୍, ନୟାଗଡ଼ର ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, ପୁରୀର ବ୍ରହ୍ମେଶ୍ୱର ଡିଗ୍ରି ମହାବିଦ୍ୟାଳୟ, ନୀଳାଚଳ ନାରାୟଣ ଆୟୁର୍ବେଦ ଚତୁଷ୍ପଥି ଡିଗ୍ରି କଲେଜ, ମହାତ୍ମା ଗାନ୍ଧୀ ମେମୋରିଆଲ ଡିଗ୍ରି କଲେଜ ଅଫ୍ ଏଜୁକେସନ୍ ଆଣ୍ଡ ଟେକ୍ନୋଲୋଜି ।

# ମୟୁରଭଂଜ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ




ବାରିପଦା,୦୮/୦୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ପରିଷଦ ର ୪ର୍ଥ ବୈଠକ ଆଜି ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ମୟୁରଭଂଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, ବାଙ୍ଗରିପୋଷୀ ବିଧାୟକ ସୁଦାମ ମାର୍ଣ୍ଡି, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସରସକଣା ବିଧାୟକ ଡ଼. ବୁଧାନ ମୁର୍ମୁ, ଜିଲ୍ଲା ପରିଷଦ ଉପାଧକ୍ଷ ବିପିନ ସିଂ ବାଦ୍ରା, ମୟୁରଭଂଜ ଜିଲ୍ଲପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖ ଙ୍କ ସମେତ ଜିଲ୍ଲା ପରିଷଦ ର ସଦସ୍ୟ ସଦସ୍ୟା, ପଂଚାୟତ ସମିତିର ଅଧକ୍ଷ ଅଧକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରେ କାଯ୍ୟକାରୀ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ହାଁସଦା ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ବିଭାଗୀୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକ ଆଗେଇ ନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ବୈଠକ ପରିଚାଳନା କରିଥିବା ବେଳେ, ଜିଲ୍ଲା ପରିଷଦ କାର୍ଯ୍ୟସୂଚୀ ଅନୁଯାଇ ପ୍ରଥମେ ଗତ ଜିଲ୍ଲା ପରିଷଦ ବୈଠକରେ ସଭ୍ୟସଭ୍ୟା ମାନଙ୍କ ଦ୍ୱାରା ଉତଥାପିତ ଅଭିଯୋଗ ଓ ପ୍ରସ୍ତାବ ଆଦି ବିଷୟ କ୍ରମରେ ସମ୍ପୃକ୍ତ ବିଭାଗ ଅଧିକାରୀ ମାନେ ଉତର ରଖିଥିଲେ । ବୈଠକ ରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଜଳସେଚନ, ଜଳବିଭିଜିକା ମିଶନ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ସେରିକଲଚର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜିଲ୍ଲା ମଙ୍ଗଳ, ଆଦି ବିଭିନ୍ନ ବିଭାଗ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଆମ ଜିଲ୍ଲା ରେ ଫାଇଭ-ଟି ରେ ରୂପାନ୍ତରିତ ହୋଇଥିବା ସ୍କୁଲ କାର୍ଯ୍ୟକ୍ରମ ର ସ୍ଥିତି, ଅଗ୍ରଗତି ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇବା ସହ ଆଗାମୀ ସମୟ ରେ ହସ୍ପିଟାଲ ଗୁଡିକ ମଧ ଫାଇଭ-ଟି ଯୋଜନାରେ ଆମ ହସ୍ପିଟାଲ ଭାବେ ରୂପାନ୍ତରିତ ହେବ ବୋଲି ସୂଚାଇ ଥିଲେ । ଆଗାମୀ ଫେବୃଆରୀ ମାସରେ ଜିଲ୍ଲାରେ ପ୍ରଥମ ଥର ପାଇଁ ଏକ ମେଗା କୃଷି ମେଳା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ତେବେ ବୈଠକରେ ବିଭିନ୍ନ ଜନପ୍ରତିନିଧି ମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଦୀର୍ଘଦିନ ଧରି ଜଣାଉଥିଲେ ମଧ ପୁରଣ ହେଉ ନଥିବାର ଅଭିଯୋଗ କରିଥିବାର ଦେଖାଯାଇଥିବା ବେଳେ, ତୁରନ୍ତ ଏଗୁଡିକ ପ୍ରତିଧ୍ୟାନଦେଇ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ପ୍ରଥମ ସେମିରେ ଆଦର୍ଶ କ୍ଲବ ବିଜୟୀ

ଖଇରା,୦୮/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ରବିବାର ଦିନ କଟକର ଜୁଭେନାଇଲ କ୍ରିକେଟ ଟିମ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ବ୍ୟାଟିଂ କରି କଟକ ୧୬ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା ଜବାବରେ ବାଲେଶ୍ୱର ନିଜର ପ୍ରଭାବ ବିସ୍ତାର କରି ମାତ୍ର ୧୩ଓଭରରେ ୪ଉଇକେଟ ହରାଇ ଫାଇନାଲକୁ ଉନ୍ନିତ ହୋଇଥିଲା । ବାଲେଶ୍ୱରର ଶୈଖର ମାଝୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରା ଯାଇଥିଲା ।ଉଦୟଭାନୁ ପତି,ମୁନା ଜେନା, ଅଭିମନ୍ୟୁ ରାଉଳ ଭାସ୍ୟକାର ଦାୟିତ୍ୱରେ ଏବଂ ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଲଲାଟ କେଶରୀ ନନ୍ଦ ଖେଳ ପରିଚାଳନା କରିଥିଲେ ।

## ଦୁଇଜଣ ଅନୁପ୍ରବେଶକାରୀ ସେନା ଦ୍ୱାରା ନିପାତ

ପୁଂଚ,୦୮/୦୧ (ନି.ପ୍ର): ରାଜୌରୀ ଜିଲ୍ଲାର ଡାଙ୍ଗରୀ ଆକ୍ରମଣ ପରେ ପୀର ପଂଜାଲ ଅଂଚଳରେ ଆତଙ୍କବାଦୀଙ୍କୁ ଧରିବା ପାଇଁ ମିଳିତ ଅପରେସନ ମଧ୍ୟରେ ସେନା ରବିବାର ଦିନ ପୁଂଜ ଜିଲ୍ଲାର ବାଲାକୋଟ ସେକ୍ଟରରେ ଲାଇନ୍ ଅଫ୍ କଂଟ୍ରୋଲ ନିକଟରେ ଦୁଇଜଣ ଅନୁପ୍ରବେଶକାରୀଙ୍କୁ ଗୁଳି ଚଳାଇଥିଲା । ଜଣେ ସେନାଅଧିକାରୀ କହିଛନ୍ତି ଯେ, ସୀମାରେ ସତର୍କସୈନ୍ୟମାନେ ଏହି ଅନୁପ୍ରବେଶକୁ ବିଫଳ କରିଦେଇଛନ୍ତି ।

## ମୟୁରଭଂଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟ ଡିଆରକେ ଟିମ ଫାଇନାଲରେ ପ୍ରବେଶ



ବାରିପଦା,୦୮/୦୧ (ନି.ପ୍ର): ସ୍ଥାନୀୟ କଲେଜ ପଡିଆରେ କ୍ଲବ ସିକ୍ରେଟ ଇଲେଭେନ ଆନୁକୂଲ୍ୟରେ ଆୟୋଜିତ ପଂଚମ ବାର୍ଷିକ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଡିଆରକେ ସିକ୍ରେଟ ଇଲେଭେନକୁ ୧୦ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ସିକ୍ରେଟ ଇଲେଭେନ ୧୦ ଓଭରରେ ୬ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଲୋହିତ ଦାସ ୩୩ ଓ ଦେବ ରଂଜନ ସିଂହ ୨୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ରୁପମ ମହାନ୍ତି ଓ ଲକ୍ଷ୍ମୀଧର ସିଂହ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଡିଆରକେ କୌଣସି ଉଇକେଟ ନହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ମାନସ ଧଳ ୫୮ ଓ ରୁପମ ମହାନ୍ତି ୧୮ ରନ ସଂଗ୍ରହ କରିଥିଲେ । ମାନସ ଧଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଶେଖ ଲାଇକୁଦ୍ଦିନ ଓ ଦେବାଶିଷ ଗୁପ୍ତା ଖେଳ ପରିଚାଳନା କରିଥିବା ବେଳେ ଦୀପକ ଦାସ ଧାରାବିବରଣୀ ଏବଂ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ । ଆସନ୍ତା କାଲି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଏଟାକ ଇଲେଭେନ ଓ ରାଇରଙ୍ଗପୁର କ୍ରିକେଟ କ୍ଲବ ମଧ୍ୟରେ ଖେଳା ଯିବା ସହ ଶେଷରେ ଫାଇନାଲ ଖେଳ ମଧ ହେବ ବୋଲି ମୁଖ୍ୟ ଆୟୋଜକ ସନ୍ତୋଷ କୁମାର ଓତା ଜଣାଇଛନ୍ତି ।

## ପଦୁନା-ଦୋମୁହାଁଣି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତା



ଖଇରା,୦୮/୦୧ (ନି.ପ୍ର): ବାଲେଶ୍ୱର ରୁ କେନ୍ଦୁଝରକୁ ସଂଯୋଗ କରୁଥିବା ପଦୁନା ରୁ ତାଳକୁରୁଆ ଦେଇ ଦୋମୁହାଁଣି ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ପାଖାପାଖି ବର୍ଷେ ତଳୁ ଆରମ୍ଭ ହୋଇଥିବା ରାସ୍ତାର ନିର୍ମାଣ ଅବଧି ଶେଷ ହୋଇ ଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୭୦ଭାଗ କାମ ସରିନାହିଁ । ନିର୍ମାଣାଧୀନ କଲଭର୍ଟ ଓ ପୋଲ ଗୁଡିକ ରେ ବ୍ୟବହୃତ କଞ୍ଚମାଲ ଏଷ୍ଟିମେଟ ଅନୁଯାୟୀ କରାଯାଇନଥିବାରୁ ପୋଲର ସ୍ଥାୟିତ୍ୱକୁ ନେଇ ଯାତ୍ରୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଉକ୍ତ କାର୍ଯ୍ୟଗ୍ରାହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କ ସମେତ ପଦୁନା, ହରିପୁର, ତାଳକୁରୁଆ ଏବଂ ଦୋମୁହାଁଣି ଗ୍ରାମର ଅଧିବାସୀ ମାନେ ଦାବୀ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ୫.୩କିମି ରାସ୍ତା ପାଇଁ ଆନୁମାନିକ ୪କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୨୨ ମସିହା ଜାନୁଆରୀ ୫ତାରିଖରେ ଏହାର ଶିଳାନ୍ୟାସ କରାଯାଇଥିଲା । ହେଲେ ନିୟମ ଅନୁଯାୟୀ ଏହା ୧ବର୍ଷ ମଧ୍ୟରେ ଶେଷ ହେବା କଥା । ହେଲେ ୨୦୨୩ ଜାନୁଆରୀ ୫ ଅତିକ୍ରମ କରିସାରିଥିଲେ ହେଁ କାମ ଅସଂପୂର୍ଣ ହୋଇ ରହିଛି । ରାସ୍ତା ପାର୍ଶ୍ୱରୁ ମାଟି ଉଠାଇ ନିଆଯିବା ପରେ ଏହି ଗାତରେ ପଡି ଗୃହପାଳିତ ପଶୁଙ୍କର ଜିବନହାନି ହେଉଥିବା ନେଇ ଅଭିଯୋଗ ହେଉଛି । ରାସ୍ତାରେ ବାଲି କିମ୍ବା ଡଷ୍ଟ ଫିଲିଂ କରାଯିବା ବଦଳରେ ପାହାଡ ମାଟି ବ୍ୟବହୃତ କରାଯିବା ସହ ପୁରୁଣା ପିଚୁ କୁ ବାହାର କରାନଯାଇ ତା ଉପରେ ନୂଆ ପିଚୁ ଓ କଂକ୍ରିଟ କାମ କରାଯାଉଥିବାରୁ ଏହା ନଷ୍ଟ ହେବାର ସମ୍ଭାବନା ଅଧୀକ ବୋଲି ବିଭିନ୍ନ ଗ୍ରାମର ବାସିନ୍ଦା ଗୌରହରି ମହାପାତ୍ର, ଦେବାଶିଷ ସ୍ୱାଇଁ, ପିତାମ୍ବର ନାଇକ, ବାବାଜୀ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ବଳରାମ ପଣ୍ଡା ପ୍ରମୁଖ କହିଛନ୍ତି । ଏଥପ୍ରତି ଦୃଷ୍ଟି ଦେବାକୁ ଖୋଦ ସରପଞ୍ଚ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବାର ଦମ୍ଭ ଭରିଦେଇଥାଏ ଆତ୍ମରକ୍ଷା କୌଶଳ : ଡ. ମିନାକ୍ଷୀ ପରିଡ଼ା

ଉଦଳା, ୦୮/୦୧ (ନି.ପ୍ର.) : ଉଦଳା ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ବାଳିକା ମାନଙ୍କ ପାଇଁ ଏହି ତାଲିମ ଆଜି କିପରି ଜରୁରୀ ହୋଇପଡ଼ିଛି ବ୍ୟକ୍ତ କରିଥିଲେ । ଶିବିରର ସଂଯୋଜିକା ଅଧ୍ୟାପିକା ଡ. ମିନାକ୍ଷୀ ପରିଡ଼ାଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହେଉଥିବାବେଳେ, ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବାର ଦମ୍ଭ କିପରି ଆତ୍ମ ସୁରକ୍ଷା କୌଶଳ ମନରେ ଭରିଦେଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶିବିରଟି ଆଠ ଦିନ ଧରି ଚାଲିବାକୁ ଥିବାବେଳେ ଶତାଧିକ ଛାତ୍ରୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି । ପ୍ରଶିକ୍ଷିକା ଭାବେ ମୋନାଲିସା ପଣ୍ଡା ଓ ଭାଗ୍ୟଶ୍ରୀ ବିନ୍ଧାଣୀ ନିଯୁକ୍ତି ପାଇଛନ୍ତି । ସହ ସଂଯୋଜିକା ଅଧ୍ୟାପିକା ହେଲିନା ଦାସ ଉଦ୍‌ଘାଟନ ଉତ୍ସବର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯଦୁମଣି ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱରା, ୦୮/୦୧ (ନି.ପ୍ର.) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ କବି ଉତ୍କଳ ଘଂଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଓଡ଼ିଆ କାବ୍ୟ ଜଗତକୁ ସମୃଦ୍ଧ କରୁଥିବା 'ରାଘବ ବିଳାସ', 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଭଳି ତାଙ୍କ ଅନନ୍ୟ ସୃଜନସୃଷ୍ଟି ପାଇଁ ସେ ଚିରସ୍ମରଣୀୟ ।

## ଭଲ ମଣିଷ ଲାଗି ସକରାତ୍ମକ ଲକ୍ଷ୍ୟ ଆବଶ୍ୟକ : ଅଧ୍ୟବସାୟ ଓ ଦୃଢମନା ହେଲେ ସଫଳତା ମିଳେ




ଜଳେଶ୍ୱର,୦୮/୧(ନି.ପ୍ର) : ପଶ୍ଚିମବଂଗ ଓ ଓଡିଶା ଉପାନ୍ତ ଅଂଚଳରେଥିବା ଅଗ୍ରଓ୍ୱାଲା ସୀମାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ବନ୍ଧୁ ମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଧାନ ଶିକ୍ଷୟତ୍ରୀ ସଂଜିତା ସରେନ୍ ସଭାପତିତ୍ୱ କରି ସ୍ୱାଗତ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ ଯୋଗ ଦେଇ ସ୍ୱୟଂ ସଂପୂର୍ଣ୍ଣ ଛାତ୍ରଟିଏ ଭଲ ମଣିଷ ହୋଇପାରେ, ତାରେ କଠିନ ପରିଶ୍ରମ ଏବଂ ବାପା ମାଙ୍କ ସଂସ୍କାର ଓ ଶିକ୍ଷକର ପ୍ରଚେଷ୍ଟା ଛାତ୍ରକୁ ଭଲ ମଣିଷ ତିଆରି କରିବାରେ ସହାୟକ ହୋଇଥାଏ । ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ ଯୋଗ ଦେଇ ଏକ ସୁସ୍ଥ ସମାଜ ଗଠନକରିବାରେ ବଡ ମଣିଷ ଠାରୁ ଭଲ ମଣିଷର ଆବଶ୍ୟକ ବେଶୀ ବୋଲି କହିଥିଲେ । ବିଫଳତା ସଫଳତାର ମାପକାଠି ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସକାରାତ୍ମକ ଲକ୍ଷ୍ୟ, କଠିନ ଅଧ୍ୟବସାୟ ଓ ଦୃଷ ମାନସିକତା ରହିଲେ ଭଲ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବିଇଓ ଲଲାଟେନ୍ଦୁ ଜେନା ଯୋଗ ଦେଇ ୫ଟି ସ୍କୁଲ ଏବେ ଶିକ୍ଷାର ଭିତ୍ତିଭୂମୀ ସୃଷ୍ଟି କରିପାରୁଥିବା ବେଳେ ମଣିଷ ତିଆରି କାରଖାନାରେ ଶିକ୍ଷକମାନେ ମାଟିପିଣ୍ଡୁଳାକୁ ଜିବନ୍ୟାସ ଦେଇପାରିଲେ ସୁସ୍ଥ ଅନୁଷ୍ଠାନ ଟିଏ ଗଠନ ହୋଇ ପାରିବ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଭାରପ୍ରାପ୍ତ ବିଇଓ ଅଜୟ କୁମାର ଜେନା ଯୋଗ ଦେଇ ଶିକ୍ଷକ ବିନ୍ଧାଣୀ ସାଜି ଛାତ୍ରଛାତ୍ରୀଙ୍କୁ ଗଢିପାରିଲେ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କପିଳେଶ୍ୱର ମହାନ୍ତି, ସୂର୍ଯ୍ୟାନନ୍ଦ ପାଳ, ସୁଦେଶ ଚନ୍ଦ୍ର ପ୍ରଧାନ, ପୁରାତନ ଛାତ୍ରସଂଘର ବ୍ରଜେନ୍ଦ୍ର ଦଳେଇ ବକ୍ତବ୍ୟ ରଖିଥିବା ବେଳେ ସଂଜିବା ଦାସ ଅତିଥି ପରିଚୟ, ବିଶ୍ୱଜିତ୍ ପାଳ ସଂଚାଳନ ଓ ଗୌତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଦୀର୍ଘ ୩୭ବର୍ଷର ପୁରାତନ ଛାତ୍ରଙ୍କୁ ନେଇ ଏକ ବଂଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଜୟଙ୍କୁ ଅନୁସରଣ କରିବେ....

ରାଜ୍ୟ ରାଜନୀତିରେ ବଡ଼ ପରିବର୍ତନ ହେବ ବୋଲି ଦମ୍ଭୋକ୍ତି ରଖିଛନ୍ତି । ଏକଦା ରାଜ୍ୟ ରାଜନୀତିରେ ପ୍ରମୁଖ ସ୍ଥାନ ଗ୍ରହଣ କରୁଥିବା ବିଜୟ କିନ୍ତୁ ଦୁଇ ହଜାର ମସିହା ପରଠାରୁ କେବେ ବି ବିଜୟର ସ୍ୱାଦ ଚାଖି ପାରିନାହାନ୍ତି । ବିଜୁ ଜନତା ଦଳ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ ମଧ ଦଳ ତାଙ୍କୁ ପ୍ରଥମରୁ ଦୂରେଇ ଦେଇଥିଲା । ଏପରିକି ବିଜୟ ଏବେ ବିଜେପିରେ ଥିଲେ ମଧ ଦଳଠାରୁ ତାଙ୍କ ଦୂରତା ବେଶ ବାରି ହୋଇପଡୁଛି । ଏବେ କେଉଁ ଆଭିମୁଖ୍ୟ ନେଇ ତାଙ୍କ ପୁଅ ରାଜନୀତିକୁ ଆସିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

## ରାଜ୍ୟ ସରକାରଙ୍କ ବିଜ୍ଞାପନ....

ଏହାର ପ୍ରତିକ୍ରିୟାରେ ବିରୋଧୀ ଦଳ ନେତା କହିଛନ୍ତି, ବାରମ୍ବାର ଅପମାନିତ କରି ସୌଜନ୍ୟତା ଆଶା କରିବା ବେକାର । ଅନ୍ୟପଟେ କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, କ୍ଷମତା ପାଇଁ ଉଭୟ ବିଜେଡି ଓ ବିଜେପି ଶସ୍ତା ରାଜନୀତି କରୁଛନ୍ତି । ସାଧାରଣ ନିର୍ବାଚନକୁ ଆହୁରି ୧୫ ମାସ ବାକି ଥିବା ବେଳେ ରାଜ୍ୟରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି । ଦୁଇ ପ୍ରମୁଖ ଦଳ ମଧରେ ଲାଗି ରହିଛି କଥା କଟାକଟି ।

## ୮ ପ୍ରତିଶତ ଛୁଇଁଲା ସ୍ଥାୟୀ....

ସୁଧହାର ବଢ଼ାଇଛନ୍ତି ସରକାର । ଫଳରେ ଯେଉଁ ବରିଷ୍ଠ ନାଗରିକ ଚଳିବା ପାଇଁ ସୁଧ ଉପରେ ନିର୍ଭର କରିଥାନ୍ତି, ସେମାନଙ୍କୁ ଆଶ୍ୱସ୍ତି ମିଳିଛି । ଏପ୍ରିଲ ୨୦୨୦ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ ବାର୍ଷିକ ସୁଧହାର ଥିଲା ୭.୪ ପ୍ରତିଶତ । ଅକ୍ଟୋବରରୁ ଡିସେମ୍ବର ୨୦୨୨ ପର୍ଯ୍ୟନ୍ତ ସୁଧହାର ୭.୬କୁ ବୃଦ୍ଧି ପାଇଥିଲା, ଏବେ ଏହି ସ୍କିମ୍ରେ ସୁଧହାର ୮ ପ୍ରତିଶତକୁ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ସେହିପରି ବରିଷ୍ଠ ନାଗରିକଙ୍କ ଫିକ୍ସଡ୍ ଡିପୋଜିଟ୍ ବା ସ୍ଥାୟୀ ଜମା ଉପରେ ବାର୍ଷିକ ସୁଧହାର ମଧ ବୃଦ୍ଧି କରିଛନ୍ତି ଉଭୟ ପ୍ରାଇଭେଟ୍ ଓ ପବ୍ଲିକ ସେକ୍ଟର ବ୍ୟାଙ୍କ । କିଛି ବ୍ୟାଙ୍କ ସୁଧହାର ୮ ପ୍ରତିଶତ ପାଖାପାଖି କରିଥିବା ବେଳେ କିଛି ବ୍ୟାଙ୍କ ୮ ପ୍ରତିଶତ କିମ୍ବା ତାଠାରୁ ଅଧିକ କରି ସାରିଛନ୍ତି । ମୁଦ୍ରାସ୍ଫୀତି ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବାରମ୍ବାର ସୁଧ ହାର ବୃଦ୍ଧି କରିଥିବା ବେଳେ ଜମା ଉପରେ ମଧ ସୁଧହାର ବଢ଼ାଉଛନ୍ତି ବ୍ୟାଙ୍କ । ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ହାର ୫୦ ବେସସ୍ ପଏଂଟରୁ ୧୦୦ ବେସିସ୍ ପଏଂଟ ଅଧିକ ରହିଛି ।

## ଜିଲା ବ୍ରାହ୍ମଣ ସମିତିର ୧୧୬ତମ ଅଧିବେଶନ

ବାଲେଶ୍ୱର,୦୮/୦୧ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ସମିତିର ୧୧୬ତମ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ଦାମୋଦରପୁର ସ୍ଥିତ ସମିତି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ-ସଭାପତି ପଣ୍ଡିତ ଶକ୍ତିପଦ ପଣ୍ଡା ପୌରୋହିତ୍ୟ କରିଥିଲେ । ବୈଠକରେ ଚଳିତ ଜାନୁଆରୀ ମାସ ୨୨ ତାରିଖ ରବିବାର ଦିନ ଜିଲ୍ଲା ବ୍ରାହ୍ମଣ ସମିତିର ବାର୍ଷିକ 'ସାଧାରଣ ସଭା' ଓ ନବବର୍ଷର ବନ୍ଧୁମିଳନ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକା ଅନ୍ତର୍ଗତ ସମିତିର ସମସ୍ତ ଆଜୀବନ ସଭ୍ୟ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ଅନ୍ୟମାନଙ୍କ ମଧରେ ସାଧାରଣ ସଂପାଦକ ପଣ୍ଡିତ ଗୌର ଚନ୍ଦ୍ର ଦାଶ, ଶାନ୍ତିସ୍ୱରୂପ ମିଶ୍ର, ମଣିଭଦ୍ର ଦ୍ୱିବେଦୀ, ଗୌର ଗଦାଧର ଶତପଥୀ, ଚନ୍ଦ୍ରାଂଶୁ ବାନାର୍ଜୀ, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ବୈଦ୍ୟନାଥ ଆଚାର୍ଯ୍ୟ, ରାଧାକୃଷ୍ଣ ଆଚାର୍ଯ୍ୟ, ରାଧାକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଆଜିର ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ସର୍ବେଶ୍ୱର ପତି ବେଦ ପାଠ କରିଥିବା ବେଳେ ଡ. ଗୌରସାଧନ ମିଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'କଳିଙ୍ଗ ସ୍ୱରାଜ ମହିଳା ସଂଗଠନ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୦୮/୦୧ (ନି.ପ୍ର): ମହିଳା ମାନଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ କରିବା ଦିଗରେ ନିରନ୍ତର କାର୍ଯ୍ୟରତ 'କଳିଙ୍ଗ ସ୍ୱରାଜ ମହିଳା ସଂଗଠନ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଭୁବନେଶ୍ୱର ପଦ୍ମଜା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଂଗଠନର ସଦସ୍ୟମାନେ ପାରସ୍ପରିକ ନୂଆ ବର୍ଷ ୨୦୨୩ର ଶୁଭେଚ୍ଛା ଜଣାଇବା ସହ ସଂଗଠନକୁ ଆଗକୁ ନେବା ନେଇ ସଂକଳ୍ପ କରିଥିଲେ । ସଂଗଠନ ଦ୍ୱାରା ବିଭିନ୍ନ ନୃତ୍ୟ, ଫ୍ୟାସନ ସୋ' ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ ହେବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ସଂଗଠନର ଲକ୍ଷ୍ୟ ଓ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## କପ୍ତିପଦା ହେବ ବାଲ୍ୟ ବିବାହ ମୁକ୍ତ : ସି-୩




ଉଦଳା, ୦୮/୦୧ (ନି.ପ୍ର.) - କପ୍ତିପଦା ବ୍ଲକ୍ କୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସେଣ୍ଟର ଫର କାଟାଲାଇଜିଂ ଚେଞ୍ଜ (ସି-୩) ତରଫରୁ ଆରମ୍ଭ ହୋଇଛି ଉଦ୍ୟମ । ଏଥିପାଇଁ କପ୍ତିପଦା ବ୍ଲକ ଅଞ୍ଚଳ ମଧରେ କାର୍ଯ୍ୟରତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୋଟ ପାଞ୍ଚଟି ବ୍ୟାଚ୍‌ରେ ୧୩୩ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତାଲିମ ନେଇଥିବାର ସି-୩ ର ଜିଲ୍ଲା ସଂଯୋଜକ ଶିବରାମ ଦାସ ଜଣାଇଛନ୍ତି । ବାଲ୍ୟ ବିବାହର ଭୟାବହତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍ୱୀକାର କରିଛନ୍ତି । ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଞ୍ଚଳିକ ସଂଯୋଜକ ସୁଧିର ପ୍ରଧାନ, ସୌଜନ୍ୟା ନାୟକ, ଶାନ୍ତିଲତା ଭୂୟାଂ, ସନ୍ତୋଷ ସାହୁ, ବିସ୍ମୟଦେବ ମହାନ୍ତି, ବୁଧୁରାଏ ସୋରେନ, ଦିପ୍ତୀମୟୀ ପରିଡ଼ା ଓ ମାଣିକରାଣୀ ମୁଦୁଲି ସହଯୋଗ କରିଥିଲେ ।

## ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ସାରସ୍ୱତ ସମ୍ମାନ ୨୦୨୩




ବସ୍ତା,୦୮/୦୧ (ନି.ପ୍ର): ବସ୍ତାଥାନା ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆଜି ଅବିଭାବକ ସମ୍ମିଳନୀ ଓ ଶିଶୁ କିଶୋର ଲେଖନୀ କର୍ମଶାଳା ଫକିରମୋହନ ସେନାପତିଙ୍କର ଜନ୍ମଜୟନ୍ତି ଅତିଥି ମାନନଙ୍କଦ୍ୱାରା ଉଦଘାଟିତ ହୋଇ ଯାଇଅଛି । ଉଦଘାଟକ ଭାବେ ଓଡିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦ ଡା ମନୀନ୍ଦ୍ର ମହାନ୍ତୀ ଆନୁଷ୍ଠାନିକଭାବେ ଫିତାକାଟି ଉଦଘାଟନ କରିଥିଲେ । ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଭାପତି ମହେନ୍ଦ୍ରକୁମାର ସାହୁ ଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଉତ୍ତର ଓଡିଶାର ସମାଜ ପେପର ରମୂଖ୍ୟ ଶଶି କାନ୍ତ ମଲ୍ଲୀକ, ମୂଖ୍ୟବକ୍ତା ଶିଶୁ ସାହିତ୍ୟ ଏକାଡେମୀ ତଥା ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ସମ୍ମାନୀତ ଅତିଥି ଇଶ୍ୱର ଟିଭିର ମୂଖ୍ୟ ଲୋକନାଥ ପିରି, କବି ଗୌତମ ରଣା, ଓଡିଆଶିଶୁ ସାହିତ୍ୟ ଗବେଶଣା ସଦସ୍ୟ ସଞ୍ଜୟ ଦାସ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ସେଠୀ, ଯୋଗ ଦେଇଥିଲେ । ଆଜିର ଅବକ୍ଷୟ ଦୁନିଆଁ ରେ କୁନିକୁନି ଛାତ୍ରଛାତ୍ରୀ ମାନେ ଆଗାମି ଦିନରେ ଯଣେଜଣେ ଦକ୍ଷ କାରିଗର ସାଜି ସମାଜ ର କୁ ସସ୍କାର କୁ ପରିବର୍ତ୍ତନ କରିପାରିବେ ବୋଲି ମତ ବ୍ୟକ୍ତ କରିଥିଲେ । ମଞ୍ଚ ପରିଚାଳନା ବ୍ରଜଗୋପାଳ ମହାନ୍ତି କରିଥିବାବେଳେ ପ୍ରତିଷ୍ଠାତାର ସମ୍ପାଦକ ମନୋଜକୁମାର ସାହୁ, ମଞ୍ଚ ଆହ୍ୱାନ କରିଥିଲେ । ଦେବାଶିଷ ସାହୁ, ଚନ୍ଦନ ସାହୁ, ନନ୍ଦନ ବେହେରା, ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ । ମଧୁସୁଦନ ସାହୁ ଧନ୍ୟବାଦ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଅରୁଣ ଦେ ସ୍ମାରକୀ ଆନ୍ତଃକଲେଜ ବକ୍ତୃତା ପ୍ରତିଯୋଗିତା

ବାଲେଶ୍ୱର,୦୮/୦୧ (ନି.ପ୍ର): ଫକୀର ମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଓ ଅରୁଣ ଦେ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଆନ୍ତଃ ଉଚ୍ଚ ମହାବିଦ୍ୟାଳୟ ସ୍ତରୀୟ ଅରୁଣ ଦେ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଲେଜର ବାଣିଜ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ ସଭାପତିତ୍ୱ କରିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଦାଦାଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ବେଶ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ବୋଲି କହିଥିଲେ । ଏନେଇ ସେ ଦୁଇ ସଂଗଠନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଅରୁଣ ଦେ ସ୍ମୃତି ପରିଷଦର ସଭାପତି ପ୍ରଫେସର ଡା. ବାସନ୍ତୀ ଦେଚକ୍ରବର୍ତ୍ତୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡା. ସୁବାସ ଚନ୍ଦ୍ର ପାତ୍ର, ଏଫଏମ ଅଟୋନୋମସ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ, ଅଧକ୍ଷ, ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ମୋ କଲେଜ୍ ଅଭିଯାନ ସଂଚାଳକ ଡା. ଅଭିଜିତ୍ ଦାସ ଓ ଓଡ଼ିଆ ବିଭାଗ ମୁଖ୍ୟ ଡା. ସନ୍ତୋଷ କୁମାର ନାୟକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ୧୨ଗୋଟି କଲେଜ୍‌ରୁ ୧୨ଜଣ ଛାତ୍ର ଏହି ସ୍ମାରକୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ମଣ୍ଡଳୀମାନଙ୍କ ଦ୍ୱାରା ଦେବସ୍ମିତା ବାରିକ ପ୍ରଥମ, ଗୀତିକା ଦାସ ଦ୍ୱିତୀୟ, ପ୍ରଜ୍ଞାପାରମିତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ, ୧୦,୦୦୦ଟଙ୍କା, ୭,୫୦୦ଟଙ୍କା, ୫୦୦୦ଟଙ୍କା ଅର୍ଥରାଶି ଆସନ୍ତା ଫେବ୍ରୁଆରୀ ୧୨ ତାରିଖ ଆଲୁମିନିର ବାର୍ଷିକ ଉତ୍ସବ ରେ ପ୍ରଦାନ କରାଯିବ । ଏଫଏମ ଆଲୁମିନି ସମ୍ପାଦକ ଗୋପାଳ ଜେନା ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅରୁଣ ଦେ ସ୍ମୃତି କମିଟିର ଉପଦେଷ୍ଟା ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ସଂଚାଳନ କରିଥିଲେ ।

## କ୍ଷୁଦ୍ର ମାନସିକତାରୁ ବାହାରୁ ବିଜୁ ଜନତା ଦଳର ସରକାର : ଜୟନାରାୟଣ ମିଶ୍ର

ଭୁବନେଶ୍ୱର,୦୮/୦୧ (ନି.ପ୍ର): ଉଡାନ୍ ଯୋଜନାରେ କେନ୍ଦ୍ର ସରକାରଙ୍କ ଅର୍ଥରେ ରାଉରକେଲାକୁ ବିମାନ ଉଡିଲା । ହେଲେ ରାଜ୍ୟ ସରକାରଙ୍କ ବିଜ୍ଞାପନରେ ନବୀନ ବାବୁଙ୍କ ଫଟୋ ଛାପିଲା । ମୁଖ୍ୟମନ୍ତ୍ରୀ ନିଜର ଫଟୋ ରଖି ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ବିଜ୍ଞାପନରେ ନରଖିବା ମୁଖ୍ୟମନ୍ତ୍ରୀଙ୍କର କି ବଡପଣର ଉଦାହରଣ ? ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ । ଏନେଇ ଓଡ଼ିଶାର ଗଣମାଧ୍ୟମଠାରୁ ଆରମ୍ଭ କରି ରୋଡ ପାଖରେ ବିଜ୍ଞାପନ ମାଧ୍ୟମରେ ଜୋରଦାର ପ୍ରଚାର ପ୍ରସାର କରୁଛନ୍ତି ରାଜ୍ୟ ସରକାର । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମ ଓଡିଶା ମାଟିର ଝିଅ ଦେଶର ପ୍ରଥମ ଆଦିବାସୀ ମହିଳା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଙ୍କୁ ନିମନ୍ତ୍ରଣ କରିନାହାନ୍ତି । ଏଥିରୁ ନବୀନ ବାବୁଙ୍କ ହୀନ ମାନସିକତା ସ୍ପଷ୍ଟ ପ୍ରତିପାଦିତ ହେଉଛି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ଶ୍ରୀ ଜୟନାରାୟଣ ମିଶ୍ର । ନବୀନ ବାବୁଙ୍କ ସଙ୍କୁଚିତ ମାନସିକତା ପଦାରେ ପଡିଛି । ଓଡ଼ିଶାର ହକି ଖେଳ ଆୟୋଜନରୁ ବିଶାଳ ହୃଦୟ କାହାର କେତେ ଅଛି ତାହା ଭାରତ ଓ ଓଡ଼ିଶାବାସୀଙ୍କ ପାଖରେ ଅଛପା ନାହିଁ । ରାଉରକେଲାରେ ନବ ନିର୍ମିତ ହକି ଷ୍ଟାଡିୟମ ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ଅର୍ଥ ଅବଦାନ ସତ୍ୱେ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜନତା ପାର୍ଟି ଓ କଂଗ୍ରେସର ବିଧାୟକମାନଙ୍କୁ ପ୍ରବେଶ କରିବାକୁ ଦିଆଗଲା ନାହିଁ । ହକି ବିଶ୍ୱକପ୍ ପାଇଁ ମୁଖ୍ୟମନ୍ତ୍ରୀ ବୁଲି ବୁଲି ନିମନ୍ତ୍ରଣ ପତ୍ର ପ୍ରଦାନ କରୁଥିଲେ ମଧ୍ୟ ନିଜ ରାଜ୍ୟର ବିରୋଧୀ ଦଳର ନେତାଙ୍କ ପ୍ରତି ଏଭଳି ବୈମାତୃକ ମନୋବୃତି କାହିଁକି ? ଯାହାକି ନବୀନ ବାବୁଙ୍କ କୁତ୍ସିତ ମନୋଭାବକୁ ପଦାରେ ପକାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଦେଉଥିଲେ ମଧ୍ୟ ମିଛୁଆ ରାଧୁଆ ରାଜ୍ୟ ସରକାର ସେସବୁ ନିଜେ କରୁଛନ୍ତି ବୋଲି ଡିଣ୍ଡିମ ପିଟି ବିଜ୍ଞାପନ ମାଧ୍ୟମରେ ବାଃ ବାଃ ନେଉଛନ୍ତି । ସବୁ କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା କହି ଗାଁ ଗାଁରେ ବିଜୁ ଜନତା ଦଳ ବୈଠକ କରି ନିଜସ୍ୱ ପ୍ରଚାର କରୁଛନ୍ତି । ଯଦି ରାଜ୍ୟ ସରକାର ସବୁବେଳେ କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି ତାହାଲେ ବିମାନ ଉଡାନ୍ କେନ୍ଦ୍ରର ଯୋଜନାରେ ବିଜେପି ଫଟୋ ଦେବ ବୋଲି ବିଜେଡି କାହିଁକି ଆଶା କରୁଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ବାସନ୍ତୀ କରଙ୍କ 'ସ୍ମୃତିଦର୍ପଣ' ଓ 'କଥା ଓ କାହାଣୀ' ଗ୍ରନ୍ଥ ଲୋକାର୍ପିତ



ବାଲେଶ୍ୱର,୦୮/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶାନ୍ତିକାନନଠାରେ କବୟିତ୍ରୀ ବାସନ୍ତୀ କରଙ୍କର କବିତା ଗ୍ରନ୍ଥ 'ସ୍ମୃତିଦର୍ପଣ' ଓ ଅନ୍ୟ ଏକ ଗଳ୍ପ ଗ୍ରନ୍ଥ 'କଥା ଓ କାହାଣୀ' ଲୋକାର୍ପିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଆସରରେ ବକ୍ତାମାନେ ଲେଖିକାଙ୍କର କବିତା ଓ ଗଳ୍ପର ଆଲୋଚନାକରି କହିଲେ ଯେ, ସେଗୁଡ଼ିକ ପରିଦୃଶ୍ୟମାନ ଜଗତର ଗୋଟିଏ ଗୋଟିଏ ବାସ୍ତବ ଦିଗର ସୁଦୃଶ୍ୟ ରୂପାୟନ । ସ୍ମୃତିଦର୍ପଣ କବିତା ଗ୍ରନ୍ଥଟିକୁ ଲୋକାର୍ପଣ କରି ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡ. ହରିଶ୍ଚନ୍ଦ୍ର ବେହେରା କବିତାଗୁଡ଼ିକରେ ମଣିଷ ମନର ଭାବାବେଗକୁ ଚମତ୍କାର ଢଙ୍ଗରେ ପ୍ରକାଶ କରାଯାଇଛି ବୋଲି ବକ୍ତବ୍ୟ ରଖିଥିଲେ । କଥା ଓ କାହାଣୀ ଗ୍ରନ୍ଥକୁ ଲୋକାର୍ପଣ କରିଥିଲେ ସାହିତ୍ୟିକା ଅରୁଣା ରାୟ ଓ ସେ ଫକୀରମୋହନ ଓ ଅନ୍ୟ ସାରସ୍ୱତ ସାଧକମାନଙ୍କର ସାହିତ୍ୟର ଉଦ୍ଧୃତି ଦେଇ ଏହି ଗ୍ରନ୍ଥଟି ଲୋକମାନଙ୍କର ମନୋରଂଜନ କରିବା ପାଇଁ ସକ୍ଷମ ବୋଲି ପ୍ରକାଶ କରିଥିଲେ । ଡ. ଶିରୀଶ ଚନ୍ଦ୍ର ଜେନା କବିତା ଗ୍ରନ୍ଥଟିକୁ ବିସ୍ତୃତ ଭାବରେ ଆଲୋଚନା କରି ସେଗୁଡ଼ିକର ଭାଷା ଓ ଭାବ ବେଶ୍ ବୋଧଗମ୍ୟ, ପରିଚ୍ଛନ୍ନ ଓ ନାନ୍ଦନିକ ସୌନ୍ଦର୍ଯ୍ୟରେ ବିମଣ୍ଡିତ ବୋଲି କହିଥିଲେ । ସେହିପରି ବରିଷ୍ଠ ଗାଳ୍ପିକ ନିବାରଣ ଜେନା ଗଳ୍ପଗ୍ରନ୍ଥକୁ ଆଲୋଚନାକରି ଗଳ୍ପଗୁଡ଼ିକର ବିଷୟବସ୍ତୁ, ବର୍ଣ୍ଣନାଚାତୁରୀ, ଭାଷା ଓ ଭାବର ଚମତ୍କାରିତା ପ୍ରଦର୍ଶନ କରିଥିଲେ । ଲେଖିକା ବାସନ୍ତୀ କର ସମାଜର ବିଭିନ୍ନ ଅନୁଭୂତି ତାଙ୍କ ଉପରେ ଯେଉଁ ପ୍ରଭାବ ପକାଇଛି ସେସବୁର ଏହି ଗ୍ରନ୍ଥଦ୍ୱୟ ଏକ ଫଳଶ୍ରୁତି ବୋଲି ପ୍ରକାଶ କରିଥିଲେ । କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଡ. ଶାରଙ୍ଗଧର ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସୁରଭି ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଲା ଚାଲାଣ ଘଟଣାରେ ୩କୋର୍ଟ ଚାଲାଣ

ଖଇରା, ୦୮/୦୧ (ନି.ପ୍ର): ଶନିବାର ରାତିରେ ନନ୍ଦୁର ଅଞ୍ଚଳରୁ ୩ନାବାଳିକା ଓ ୩ନାବାଳକ ଙ୍କୁ ୩ଦଲାଲ ମହାରାଷ୍ଟ୍ର ନେଇ ଯାଉଥିବା ବେଳେ ଖଇରା ପୋଲିସ, ମହିଳା ସଙ୍ଗଠନ ଓ ଚାଇଲ୍ଡ ଲାଇନ ସଦସ୍ୟଙ୍କ ମିଳିତ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଖଇରା ଚାଇଲ୍ଡ ଲାଇନ ଉକ୍ତ ନାବାଳିକା ଓ ନାବାଳକ ମାନଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି । ସେହିଭଳି ଏକ ମାମଲା ୫/୨୩ ରୁଜୁ କରାଯାଇ ମହାରାଷ୍ଟ୍ରର ୨ଦଲାଲ ଦିନେଶ ରାମଦାସ ଓ ଅଜିତ ସାହେବରାଓ ତଥା ଖଇରା ବ୍ଲକ କାକୁଡିଆ ଗ୍ରାମର ବାପୁଜି ତିରିଆଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ଗରିମା ବୃଦ୍ଧି ସହ ଏହାକୁ ଋଦ୍ଧିମନ୍ତ କରିବାରେ ତାଙ୍କ ଜୀବନବ୍ୟାପି ସାଧନା ସର୍ବଦା ପ୍ରେରଣାର ଉତ୍ସ ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସଂଧ୍ୟା



ଭଦ୍ରକ, ୦୮/୦୧ (ନି.ପ୍ର): ବର୍ତ୍ତମାନ ସମୟରେ ମାନବାଧିକାର ସୁରକ୍ଷା ସମଗ୍ର ସମାଜ ପାଇଁ ଏକ ବିରାଟ ଆହ୍ୱାନ ହୋଇ ପଡ଼ିଛି । ବିଭିନ୍ନ ସମୟରେ ମାନବାଧିକାର ଉଲଂଘନର ବହୁ ଉଦାହରଣ ଓ ଘଟଣା ସାମ୍ନାକୁ ଆସୁଛି । ଏହାର ସୁରକ୍ଷା ଦିଗରେ ପୁଲିସ ପ୍ରଶାସନର ଯେତିକି ଉତ୍ତର ଦାୟିତ୍ୱ ରହିଛି, ଅନୁରୂପ ପରିମାଣରେ ଦାୟିତ୍ୱ ସମସ୍ତଙ୍କ ନିକଟରେ ସାମଗ୍ରୀକ ଭାବରେ ରହିଛି । ଆମର ସମ୍ବିଧାନ ଯେତିକି ମୌଳିକ ଅଧିକାର ଆମକୁ ଦେଇଛି ତାହା ଯେପରି ଉଲଂଘନ ନହୁଏ, ତାହା ଦେଖିବା ପ୍ରତ୍ୟେକ ସଚେତନ ନାଗରିକର ପରମ କର୍ତ୍ତବ୍ୟ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସଂଧ୍ୟାରେ ଯୋଗଦେଇ ବହୁ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ କ୍ଷିତିଶ ସାମନ୍ତ ବେହେରାଙ୍କ ସଭାପତିତ୍ୱରେ ଓ ଜଗବନ୍ଧୁ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱଜିତ୍ ମହାପାତ୍ର ଯୋଗଦେଇ ମାନବାଧିକାରର ସୁରକ୍ଷା ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡାକ୍ତର ଅନିଲ ଦାସ, ସମ୍ମାନିତ ଅତିଥି ଭାବେ ଯାଜପୁରର ଅବକାରୀ ଅଧିକ୍ଷକ ଅମର କୁମାର ଜେନନା ଓ ସମ୍ମାନିତ ବକ୍ତା ଭାବେ କମିଶନରେଟ ପୁଲିସର ଅଧିବକ୍ତା ମନୋଜ ରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କମିଟିର ସଭାପତି ରବି ନାରାୟଣ ଖିଲାର ସ୍ୱାଗତ ଭାଷଣ ଓ ଉପଦେଷ୍ଟା ନିହାର ରଂଜନ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କମିଟି ପକ୍ଷରୁ ସମାଜସେବୀ ଶ୍ରାବଣୀ କିନ୍ନର, ରାଣୀ ପ୍ରିୟଦର୍ଶିନୀ ସାହୁ, ବିଦ୍ୟାଶ୍ରୀ ଆଦିତ୍ୟ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନାଚକ୍ର ପରେ ସ୍ଥାନୀୟ ସାସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ ସହିତ ଶେଷରେ ଗୀତ ସଂଗୀତ ଅକ୍ରେଷ୍ଟ୍ରା ପକ୍ଷରୁ ମେଲୋଡି ପରିବେଷିତ ହୋଇଥିଲା ।

## ବାଲି ଟ୍ରାକ୍ଟର-ବାଇକ୍ ଧକ୍କା : ୧ ମୃତ, ୩ ଗୁରୁତର

ଜଳେଶ୍ୱର,୦୮/୦୧ (ନି.ପ୍ର): ଆଜି ଏକ ଚୋରା ବାଲି ଟ୍ରାକ୍ଟର ଦ୍ରୁତ ବେଗରେ ଗଲାବେଳେ ବାଇକ୍ ସହିତ ଧକ୍କା ଲାଗି ଜଣେ ଯୁବକ ମୃତ ଓ ୩ ଜଣ ଗୁରୁତର ହୋଇ ବାଲେଶ୍ୱର ସ୍ଥାନାନ୍ତର ହୋଇଛନ୍ତି । ଚୋରା ବାଲି ଟ୍ରାକ୍ଟର ଉପରେ ପ୍ରଶାସନର ଅଂକୁଶ ରହୁନଥିବାରୁ ବ୍ୟାପକ ବାଲି ଚାଲାଣ ଓ ବେପାରୁଆ ଗାଡି ଚାଳନା ହୋଇ ଆସୁଛି । ଘଟଣାରୁ ପ୍ରକାଶ ଆଜି ଅପରାହ୍ନରେ ଗାଁ ଲକ୍ଷ୍ମଣନାଥ ଅଂଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ୬୦ ଜାତୀୟ ରାଜପଥ ଆଡେ ଗଲାବେଳେ ଅଗ୍ରୱାଲ ସ୍କୁଲ ନିକଟ ଦିଗାମ୍ବର ରାଉଳ ଘର ସମ୍ମୁଖରେ ବାଇକ୍‌କୁ ଧକ୍କା ଦେଇଥିଲା । ୩ ଯୁବକ ଓ ଜଣେ ନାବାଳକ ପଶ୍ଚିମବଙ୍ଗରୁ କ୍ରିକେଟ ଖେଳ ସାରି ଫେରୁଥିବା ବେଳେ ଏପରି ଦୁର୍ଘଟଣା ଘଟିଥିଲା । ୨ଟି ବାଇକ୍‌ରେ ଯୁବକମାନେ ଫେରୁଥିବା ବେଳେ ଏପରି ଦୁର୍ଘଟଣା ଘଟିବାରୁ ବାଲି ଟ୍ରାକ୍ଟର ଡ୍ରାଇଭର ଗାଡି ସହ ଫେରାର ହୋଇ ଯାଇଛି । ଅନ୍ୟପକ୍ଷରେ ଗୁରୁଦାସ ପୁର ଗାଁ ପିଣ୍ଟୁ ଓରଫ ପ୍ରମୋଦ ମହାପାତ୍ର (୧୮) ଅତି ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିକେଭଟ୍ଟର ହସ୍‌ପିଟାଲକୁ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଲକ୍ଷ୍ମଣନାଥ ଗାଁର ଅଭିନନ୍ଦନ ଦାସ (୧୪), ପିତାମ୍ବର ହେମ୍ବ୍ରମ (୨୦) ଓ ପ୍ରଦୀପ ଗୋଚାୟତ (୨୦) ମୁମୂର୍ଷୁଭାବେ ଘଟଣାସ୍ଥଳରେ ପଡି ରହିଥିବା ବେଳେ ଚନ୍ଦନ କରଙ୍କ ସହଯୋଗରେ ଗ୍ରାମବାସୀମାନେ ଜିକେ ଭଟ୍ଟର ହସ୍‌ପିଟାଲକୁ ପଠାଇଥିଲେ । ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ବକ୍ତୃତା-ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର,୦୮/୦୧ (ନି.ପ୍ର): ଫକୀରମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଓ ବ୍ୟାସକବିନଗର ବିକାଶ ପରିଷଦର ୩୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ଦିବସବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ୩୭ଟି ବିଦ୍ୟାଳୟରୁ ଦୁଇଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଡ. ଧୀରେନ୍ଦ୍ର କୁମାର ଜେନା, ଡ. ରତ୍ନାକର ସିଂହ ଓ ପ୍ରଭାତ କୁମାର ଜେନା ବକ୍ତୃତାରେ ଏବଂ କେଶୁ ଦାସ ଚିତ୍ରାଙ୍କନରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ଡ. ଅରବିନ୍ଦ ବେଜ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ୭ଟି ଗ୍ରୁପ୍‌ରୁ ମନୋନୀତ ଶ୍ରେଷ୍ଠ ୨୧ଜଣ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୪ ତାରିଖ ପରିଷଦର ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ କରାଯିବ । ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସାଧାରଣ ସଂପାଦକ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ଇଂ. ଡମ୍ବରୁଧର ପ୍ରଧାନ, ଡକ୍ଟର ସୁବାସ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ରାଜକିଶୋର ରାଉତ, ମୁକୁନ୍ଦ ମୁରାରୀ ଦାସ, ସରସ୍ୱତୀ ପଣ୍ଡା, ସୁବ୍ରତ ଦାଶ, ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ ।

## କିଶୋରାବସ୍ଥାର ବିଭିନ୍ନ ସମସ୍ୟା ଆଲୋଚନା ଚକ୍ର ଅନୁଷ୍ଠିତ




ଉଦଳା, ୦୮/୦୧ (ନି.ପ୍ର.) – ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ ଚଳିତ ଜାନୁଆରୀ ୬ ତାରିଖ ଶୁକ୍ରବାର ଦିନ "କିଶୋରାବସ୍ଥାର ବିଭିନ୍ନ ସମସ୍ୟା" ବିଷୟ ବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଇ.କ୍ୟୁ.ଏ.ସି. ଦାୟିତ୍ୱରେ ଥିବା ଅଧ୍ୟାପିକା ମଞ୍ଜୁଳା କଳିଆ ଆଲୋଚନା ଚକ୍ରରେ ଅଧକ୍ଷତା କରିଥିଲେ । ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା କୁମ୍‌କୁମ୍ ଦାସ, ରିସୋର୍ସପର୍ସନ ଭାବେ ଉଦଳା ଚିକିତ୍ସାଳୟରେ କାର୍ଯ୍ୟରତ ଡାଃ ପ୍ରଜ୍ଞା ବେହେରା ଓ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି କେଉଁ ବୟସର ପିଲାମାନଙ୍କୁ କିଶୋର ବା କିଶୋରୀ କୁହାଯାଇଥାଏ ଏବଂ ତାଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାର ସମାଧାନ ପାଇଁ କଣ କରାଯିବ ସେ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ । ଏହାପରେ +୩ ର ଛାତ୍ରୀ ଆରତୀ ଗୁପ୍ତା ଓ ଦୀପିକା ପ୍ରିୟଦର୍ଶିନୀ ବିନ୍ଧାଣୀ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ସୁପ୍ରିତୀ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ସୁଧାରାଣୀ ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ଦେଇଥିଲେ ।

## ମୟୂରଭଂଜରେ ଖସୁଛି ପାରଦ : ଶିମିଳିପାଳର ବିଭିନ୍ନ ସ୍ଥାନରେ ହାଲକା ତୁଷାରପାତ

ବାରିପଦା, ୦୮/୦୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଅର୍ଦ୍ଧାଧିକ ଅଂଚଳ ବଣ ପାହାଡ ଘେରା । ଏଠାରେ ବିଶ୍ୱର ୨ୟ ବୃହତମ ଜୈବ ମଣ୍ଡଳ ଶିମିଳିପାଳ ଅବସ୍ଥିତ । ବିଗତ କିଛିଦିନ ଧରି ଜିଲ୍ଲାରେ ତାପମାତ୍ରା ହ୍ରାସ କାରଣରୁ ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୁତ ହେଉଛି । ବିଶେଷ କରି ସଂଧ୍ୟା ଏବଂ ସକାଳ ସମୟରେ ଏହାର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହେଇପଡିଛି । ସକାଳ ସମୟରେ କୁହୁଡି ଲାଗିରହିବା ସହିତ ଦିନ ତମାମ ଥଣ୍ଡା ପବନ ବହୁ ଥିବାରୁ ଶୀତର ପ୍ରକୋପ ଦିନକୁ ଦିନ ବଢୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ସକାଳ ସଂଧ୍ୟାରେ ନିଆଁ ଜାଳି ବସିରହୁଛନ୍ତି । ପ୍ରବଳ ଥଣ୍ଡା କାରଣରୁ ଶିମିଳିପାଳର ବିଭିନ୍ନ ସ୍ଥାନରେ ହାଲକା ତୁଷାରପାତ ହୋଇଥିବାର ହଦେଖିବାକୁ ମିଳିଛି । ସକାଳେ ସକାଳେ ଶିମିଳିପାଳ ଭିତରେ ରହୁଥିବା ପର୍ଯ୍ୟଟକଙ୍କ ଗାଡ଼ି ଉପରେ, ନେଚର କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ପତଳା ତୁଷାର ଆସ୍ତରଣ ଜମିରହିଥିବାର ଦେଖାଯାଇଛି । ଶିମିଳିପାଳ କୋର ଏରିଆରେ ଥିବା ଉପର ବାରହାକାମୁଡ଼ା, ଦେବସ୍ଥଳୀ, ଜେନାବିଲ, ନଅଣା ଆଦି ଅଂଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାର ସୂଚନା ମିଳିଛି । ଶିମିଳିପାଳ ଭିତରେ ଏବଂ ପାଦ ଦେଶ ଗୁଡିକରେ ଥିବା ବିଭିନ୍ନ ଗାଁ ଗୁଧଫିକରେ ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଧୂନୀ ଜାଳି ବସିରହୁଥିବାର ଦେଖାଯାଉଛି । ବର୍ତ୍ତମାନ କୋହଲା ପବନ ଲାଗିରହିଥିବାରୁ ଆହୁରି ପ୍ରବଳ ଥଣ୍ଡା ଅନୁଭୁତ ହେବ ବୋଲି କୁହାଯାଉଥିବା ବେଳେ, ବିଗତ ବର୍ଷ ମାନଙ୍କରେ ଏହି ସମୟରେ ଶିମିଳିପାଳର ଆଭ୍ୟନ୍ତର ରେ ୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାର ନଜିର ରହିଥିବା ବେଳେ, ଚଳିତ ବର୍ଷ ଉପରବାରହାକାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ଏବଂ ନଅଣାରେ ସର୍ବନିମ୍ନ ୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାର ଜଣାଯାଇଛି ।

## ପୁରୁଷ ହକି ବିଶ୍ୱକପ ଟ୍ରଫିକୁ ବାଲେଶ୍ୱରରେ ସ୍ୱାଗତ




ବାଲେଶ୍ୱର,୦୮/୦୧ (ନି.ପ୍ର): ଦ୍ୱିତୀୟଥର ପାଇଁ ଆସନ୍ତା ୧୩ ତାରିଖରୁ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ ପାଇଁ ସମ୍ପ୍ରତି ରାଜ୍ୟବ୍ୟାପୀ ଜାରି ରହିଛି ଟ୍ରଫି ପରିକ୍ରମା । ଏହି ଟ୍ରଫିକୁ ରବିବାର ବାଲେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି । ମୟୂରଭଞ୍ଜ ଜିଲା ପରିକ୍ରମା ପରେ ଏହି ଟ୍ରଫିକୁ ଅପରାହ୍ଣରେ କଳମାଠାରେ ବାଲେଶ୍ୱର ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା । ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ସମେତ ବହୁ ଗଣସଂଗଠନ ଓ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ତଥା ସଦସ୍ୟମାନେ ମିଳିତ ଭାବେ ବିଶ୍ୱକପ ଟ୍ରଫିକୁ ଶୋଭାଯାତ୍ରାରେ ଆଣି ବାଲେଶ୍ୱର ସହରରେ ପହଞ୍ଚିଥିଲେ । ସହରର ଫକୀର ମୋହନ ଗୋଲେଇଠାରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜି ହିମାଂଶୁ ଲାଲ, ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଓ ନୂଆ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବାଲେଶ୍ୱର ଏସପି ସାଗରିକା ନାଥ ପ୍ରମୁଖ ଏହି ଟ୍ରଫିକୁ ସ୍ୱାଗତ କରିଥିଲେ । ସମସ୍ତେ ଟ୍ରଫି ସ୍ୱାଗତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ଫାଣ୍ଡିଛକ ଦେଇ ଯାଉଥିବା ବେଳେ ସଦର ବିଧାୟକ ସ୍ୱରୂପ ଦାସ ଫାଣ୍ଡିଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ ସହ ଟ୍ରଫିକୁ ସ୍ୱାଗତ ପୂର୍ବକ ଏଥିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ବିବେକାନନ୍ଦ ମାର୍ଗ ଦେଇ ଯାଉଥିବା ବେଳେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଓ ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ଜିଲାପାଳଙ୍କ ଫାଟକ ସମ୍ମୁଖରେ, ଗୋପାଳଗାଁ ଛକ ନିକଟରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ବାଲେଶ୍ୱର ପୌରାଧ୍ୟକ୍ଷାଙ୍କ ସମେତ ବହୁ କାଉନସିଲର ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିଥିଲେ । ବିଶାଳ ଶୋଭାଯାତ୍ରାରେ ଏହି ଟ୍ରଫି ପରମିଟ ପଡ଼ିଆରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଘୋଡ଼ାନାଚ, ଆଦିବାସୀ ଧୁମ୍ପସା ନାଚ, ସଂକୀର୍ତ୍ତନ ଦଳଙ୍କ ସମେତ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ପ୍ଲା'କାର୍ଡ଼ ଓ ହକିଷ୍ଟିକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ପରମିଟ ପଡ଼ିଆରେ ଆୟୋଜିତ ସଭାମଞ୍ଚରେ ନିର୍ବାଚିତ ଲୋକ ପ୍ରତିନିଧି, ଜିଲା କ୍ରୀଡ଼ା ସଂଘ କର୍ମକର୍ତ୍ତାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଏହି ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା । ପରେ ଏହି ଟ୍ରଫିକୁ ଶୋଭାଯାତ୍ରାରେ ନେଇ ସଂଧ୍ୟାରେ ଭଦ୍ରକ ଜିଲା ପ୍ରଶାସନକୁ ସିମୁଳିଆଠାରେ ହସ୍ତାନ୍ତର କରାଯାଇଛି । ପୁରୁଷ ହକି ବିଶ୍ୱକପ ଟ୍ରଫି ସ୍ୱାଗତ ପାଇଁ ପରମିଟ ପଡ଼ିଆ ଉତ୍ସବ ୨/୩ ଘଣ୍ଟା ପାଇଁ ଉତ୍ସବମୁଖର ହୋଇପଡ଼ିଥିଲା ।

## ଖଇରମାଳ ରଘୁଡେରା ଜଙ୍ଗଲରେ ଦନ୍ତାହାତୀର ମୃତଦେହ ଠାବ

ସମ୍ବଲପୁର,୦୮/୦୧ (ନି.ପ୍ର): ସମ୍ବଲପୁର ଯୁଯୋମୁରା ରେଞ୍ଜ୍ ଅନ୍ତର୍ଗତ ଖଇରମାଳ ରଘୁଡେରା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି । ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି । ତେବେ ବିଦ୍ୟୁତ ଆଘାତରେ ହାତୀର ମୃତ୍ୟୁ ଘଟିଛି ନା ଦାନ୍ତ ଶିକାର ପାଇଁ ହାତୀକୁ ହତ୍ୟା କରାଯାଇଛି ସେନେଇ ତଦନ୍ତ କରୁଛି ବନ ବିଭାଗ । ପ୍ରାଥମିକ ତଦନ୍ତରୁ ଯାହା ଜଣାପଡୁଛି ବାରହା ଫାଶରେ ପଡି ଦନ୍ତାହାତୀର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ମୃତ ହାତୀର ଶୁଣ୍ଢ ନିକଟରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ



ଭଦ୍ରକ,୦୮/୦୧ (ନି.ପ୍ର): ରାଗ, ହିଂସା ଓ ଲୋଭ ତ୍ୟାଗ କରି ବୟସର ଅପରାହ୍ଣରେ ସମାଜର ସ୍ନେହ, ଶ୍ରଦ୍ଧା, ସଦ୍‌ଭାବ ରକ୍ଷା କରି ନିଜର ଇଷ୍ଟଦେବତାଙ୍କୁ ନିଜକୁ ସମର୍ପିତ କରି ପାରିଲେ ଜୀବନର ଅବଶିଷ୍ଟ ସମୟ ଶାନ୍ତି, ପ୍ରୀତି ଓ ଆନନ୍ଦମୟ ହୋଇ ପାରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ନବବର୍ଷ ଉପଲକ୍ଷେ ଉକ୍ତ ସଂଘର କାର୍ଯ୍ୟକ୍ରମରେ ଚରମ୍ପା ଅଗ୍ରୱାଲା ଆଣ୍ଡ ବ୍ରଦର୍ସ ରାଇସ୍ ମିଲ୍ ପରିସରରେ ଏକ ଶାନ୍ତ କାନ୍ତ ପରିବେଶ ମଧ୍ୟରେ ସ୍ଥାୟୀ ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତ୍‌ଙ୍କ ପୌରେହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ କୈଳାସ ମହାପାତ୍ର ସଭାର ଆଭିମୁଖ୍ୟ ଓ ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ ବନ୍ଧୁମିଳନ ଅବସରରେ ସଂଘର ସଂହତି ରକ୍ଷା କରିବା ସଂଗେସଂଗେ ପାରିବାରିକ ଚାପରୁ ମୁକ୍ତ ରଖି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଭାବ ରଖି ପାରିଲେ ଜୀବନଚର୍ଯ୍ୟା ସୁଖ ଓ ନିରାମୟ ହୋଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ । ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଭ୍ୟବୃନ୍ଦ ଆସନ୍ତା ଫେବୃଆରୀ ମାସର ପ୍ରଥମ ସପ୍ତାହରେ ଏକ ସ୍ୱାସ୍ଥ୍ୟ ଶିବିର କରି ହୃଦ୍‌ରୋଗୀ, ନାସା, କର୍ଣ୍ଣ ଓ ଗଳା ରୋଗରେ ପୀଡ଼ିତ ତଥା ସ୍ନାୟୁ ଜନିତ ରୋଗୀଙ୍କୁ ଅଭିଜ୍ଞ ଡାକ୍ତରଙ୍କ ଜରିଆରେ ପରୀକ୍ଷା ଓ ରୋଗ ନିରୂପଣ କରାଇ ଡାକ୍ତରୀ ପରାମର୍ଶ ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ତାହାଛଡ଼ା ଭଦ୍ରକରେ ଏକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ, ବିଶ୍ୱବିଦ୍ୟାଳୟ ସ୍ଥାପନ ନିମିତ୍ତ ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଗ୍ରହଣ କରାଗଲା । ଯୋଗଗୁରୁ ଶ୍ରୀ ଗୁପ୍ତା ଆବଶ୍ୟକ କରୁଥିବା ବରିଷ୍ଠ ନାଗରିକଙ୍କୁ ଯୋଗ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ । ଜନତା ସେବା କେନ୍ଦ୍ର ପ୍ରତିଷ୍ଠାତା ବିଶ୍ୱନାଥ ଅଗ୍ରୱାଲଙ୍କୁ ତାଙ୍କର ମହନୀୟତା ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo